## ସଂକ୍ଷେପରେ

### ଶର୍ଟ ସର୍କିଟରୁ ଜଳିଗଲା ଘର

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ପୂଜାରିଗୁଡା ପଞ୍ଚାୟତର ଶାନ୍ତିନଗର ଗ୍ରାମରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ଜଣଙ୍କ ଘର ଜଳିଯାଇଛି। ମଙ୍ଗଳବାର ସକାଳ ୮ଟାରେ ନରେନ୍ଦ୍ର ବାଗଙ୍କ ଘରେ କେହି ନ ଥିବା ସମୟରେ ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଘରେ ଥିବା ଆବାସପତ୍ର ସହ ଖାଦ୍ୟ ସାମଗ୍ରୀ ଧାନ ,ଚାଉଳ, ମାଣ୍ଡିଆ, ଲୁଗାପଟା ଇତ୍ୟାଦି ଜିନିଷପତ୍ର ପୋଡ଼ିଯାଇଛି । ଘରେ ନିଆଁ ଲାଗିଥିବା ଦେଖି ପଡ଼ୋଶୀ ନିଆଁକୁ ଆୟତ୍ତ କରିବା ପାଇଁ ପାଣି ଢାଳିବା ସହିତ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ ଅଧିକାରୀ ଜଗଦୀଶ ପ୍ରସାଦ ଖରାଙ୍କ ସମେତ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ ୧ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଥିବା ନରେନ୍ଦ୍ର ବାଗ କହିଛନ୍ତି । ନରେନ୍ଦ୍ରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଟ୍ରାକ୍ଟର ଓଲଟି ଶ୍ରମିକ ଗୁରୁତର

ପଦ୍ମପୁର,୨୭।୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍‌ର ତେମ୍ଭାଗୁଡା ପଞ୍ଚାୟତ ଅଧୀନ ଯାଜପୁର ଗ୍ରାମରେ ଏକ ମେଟାଲ ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଟ୍ରାକ୍ଟର ଆଗଚକ ଫାଟିଯିବରୁ ଭାରସାମ୍ୟ ହରାଇ ଗାଡ଼ି ବିଲ ମଧ୍ୟକୁ ଓଲଟିପଡ଼ିଥିଲା। ଟ୍ରାକ୍ଟର ପଛ ଡେଲାରେ ବସିଥିବା ଶ୍ରମିକ ସୁମନ ପରିଜାଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ଡ୍ରାଇଭର ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡିଛି। ଆହତ ସୁମନଙ୍କୁ ଗ୍ରାମବାସୀ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ମେଡିକାଲକୁ ଆଣିଥିଲେ। ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ବ୍ରହ୍ମପୁର ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବରପାଇ ପଦ୍ମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଟ୍ରାକ୍ଟରକୁ ଜବତ କରିଛି।

### ବ୍ୟାଙ୍କ ମିତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ



ଗୁଡାରି,୨୭।୨ (ପ୍ରମୋଦ କୁମାର ପତି )

ଗୁଡାରି ବସଷ୍ଟାଣ୍ଡ ପରିସରରେ ମଙ୍ଗଳବାର ମିଶନ ଶକ୍ତି ବ୍ୟାଙ୍କ ମିତ୍ରଙ୍କୁ ଲାପଟପ ବଣ୍ଟନ କରାଯାଇଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ବ୍ୟାଙ୍କ ମିତ୍ରମାନଙ୍କୁ ଉତ୍ସାହିତ କରିବା ସହ ଲାପଟପ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବର, ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକ, ସଂଯୁକ୍ତା ବୀରଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ସିରିଗୁଡା ୟୁଜିବି ଏବଂ ଗୁଡାରି ଓ ଢେପାଗୁଡା ଏସ୍‌ବିଆଇରେ କାର୍ଯ୍ୟରତ ବ୍ୟାଙ୍କ ମିତ୍ରଙ୍କୁ ଏହି ଲାପଟପ ପ୍ରଦାନ କରାଯାଇଛି। ଲାପଟପରେ ବ୍ୟାଙ୍କ କାର୍ଯ୍ୟ ସୁବିଧାରେ ହୋଇପାରିବ ଏବଂ ଏହା ବ୍ୟାଙ୍କ ମିତ୍ରଙ୍କୁ କାର୍ଯ୍ୟରେ ସହାୟକ ହେବ ବୋଲି ବିଧାୟକ କହିଥିଲେ। ଗୁଡାରି ବ୍ଲକରେ ୩ଜଣ ବ୍ୟାଙ୍କ ମିତ୍ରଙ୍କୁ ମାଗଣାରେ ଲାପଟପ ବଣ୍ଟନ କରାଯାଇଛି।

# ମଣ୍ଡିରେ ଧାନ ବିକ୍ରିବାର ମାସେ ବିତିଲା, ଚାଷୀଙ୍କୁ ମିଳିନି ଟଙ୍କା

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

- ୨ ମାସରେ ୯ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ
- ବଳକା ରହିଛି ୧ ଲକ୍ଷ କୁଇଣ୍ଟାଲ
- ୪୮୭ ଚାଷୀଙ୍କୁ ମିଳିନି ଧାନ ଟଙ୍କା

ରାୟଗଡ଼ା ଜିଲାରେ ଖରିଫ ଧାନ କ୍ରୟ ପ୍ରକ୍ରିୟାକୁ ୨ ମାସ ପୂରିଲାଣି । ୨ମାସ ମଧ୍ୟରେ ଜିଲାର ୧୧ ବ୍ଲକରୁ ୧୬,୨୯୮ ଚାଷୀଙ୍କଠାରୁ ୯ଲକ୍ଷ ୧୬ହଜାର ୮୫୫.୬୮ କୁଇଣ୍ଟାଲ ଧାନ କ୍ରୟ ହୋଇଛି । ତେବେ ଆହୁରି ୫,୭୨୮ ଜଣ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହିଛି। ଫଳରେ ଜିଲାର ଅନେକ ଚାଷୀ ଧାନ ଧରି ବିକ୍ରି ପାଇଁ ମଣ୍ଡିରେ ଅପେକ୍ଷା କରି ରହିଛନ୍ତି। ସେପଟେ ଜିଲା ପାଇଁ ମିଳିଥିବା ଧାନକ୍ରୟ କୋଟା ମଧ୍ୟରୁ ୧, ୩୩, ୮୫୫.୫୮୯ କୁଇଣ୍ଟାଲ ବାକି ରହିଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଧାନ କ୍ରୟ ଚାଲିବ। ଏହି ସମୟ ସୀମା ମଧ୍ୟରେ ସମସ୍ତ ଚାଷୀଙ୍କ ଧାନକ୍ରୟ କରିବାକୁ ଜିଲା ପ୍ରଶାସନ ତରଫରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ସୂଚନା ପ୍ରକାରେ, ମିଲରଙ୍କୁ ପ୍ରଥମ ପର୍ଯ୍ୟାୟରେ ଧାନ କ୍ରୟ ପାଇଁ ମିଳିଥିବା ଟାର୍ଗେଟ ଶେଷ ହୋଇଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ବିଳମ୍ବରେ ଟାର୍ଗେଟ ଦିଆଯାଇଛି । ଫଳରେ ଚାଷୀଙ୍କଠାରୁ ଧାନ କ୍ରୟ କରିପାରୁନାହାନ୍ତି ମିଲର। ଫେବୃଆରୀ ଶେଷ ସପ୍ତାହରେ ମିଲରଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଧାନ କ୍ରୟ ପାଇଁ କୋଟା ଦିଆଯାଇଛି । ଫଳରେ ଉଭୟ ମିଲର ଓ ଚାଷୀ ଧାନକୁ ନେଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳିକି ଧାନ କ୍ରୟ କରିବାର ୪୮ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବାର କଡ଼ା ନିର୍ଦ୍ଦେଶ ରହିଥିଲେ ମଧ୍ୟ ମାସ ମାସ ଧରି ଚାଷୀଙ୍କ ଆକାଉଣ୍ଟରେ ଟଙ୍କା ଜମା ହେଉ ନ ଥିବା ଅଭିଯୋଗ ହୋଇଛି। ଯୋଗାଣ ବିଭାଗର ସୂଚନା ଅନୁସାରେ, ଜିଲାରେ ବର୍ତ୍ତମାନ ସୁଦ୍ଧା ୧୬ହଜାର ୨୯୮ଚାଷୀଙ୍କ ମଧ୍ୟରୁ ୧୫ହଜାର ୮୧୧ ଚାଷୀ ଟଙ୍କା ପାଇଥିବା ବେଳେ ବଳକା ୪୮୭ ଚାଷୀ ଧାନ ବିକ୍ରି କରିବାର ୧ ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିବା ଅଭିଯୋଗ ହୋଇଛି।

ରାୟଗଡ଼ା ଜିଲାରେ ଚଳିତ ଖରିଫ ଧାନକ୍ରୟ ପ୍ରକ୍ରିୟାରେ ସାମିଲ ହେବା ପାଇଁ ମୋଟ ୨୨୬୮୩ ଚାଷୀ ନାମ ପଞ୍ଜୀକରଣ କରିଥିଲ । ତେବେ ପଞ୍ଜୀକରଣ ପରେ ବିଭାଗୀୟ ସ୍କ୍ରିନିଂ କରାଯାଇ ମାତ୍ର ୨୨୦୨୬ଜଣ ଚାଷୀ ଧାନ କ୍ରୟ ପାଇଁ ଯୋଗ୍ୟ ହୋଇଥିଲେ। ଜିଲା ପାଇଁ ଚଳିତ ବର୍ଷ ୧୦, ୫୦, ୭୪୬.୨୬୯ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଟାର୍ଗେଟ ଆସିଥିଲା । ତନ୍ମଧ୍ୟରୁ ୯୦ ପ୍ରତିଶତ ଧାନ କ୍ରୟ ହୋଇସାରିଲାଣି। ଗତବର୍ଷ ୧୭ହଜାର ୯୨୭ଜଣ ଚାଷୀଙ୍କୁଠାରୁ ୧୦ଲକ୍ଷ ୯୮ହଜାର ଧାନ କ୍ରୟ ଟାର୍ଗେଟ ରହିଥିଲା । ହେଲେ ଗତବର୍ଷ ୧୦ଲକ୍ଷ ୬୯ହଜାର ୯୧୮.୨୬ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ତେବେ ଜିଲାରେ ଆହୁରି ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରିବା ପାଇଁ ଜଗି ବସିଛନ୍ତି । ଜିଲାର ଭାତହାଣ୍ଡି ଆଖ୍ୟା ପାଇଥିବା ପଦ୍ମପୁର ବ୍ଲକର ୩୧୫୦ ଚାଷୀଙ୍କଠାରୁ ୧ଲକ୍ଷ ୯୧ହଜାର ୪୦୦ କୁଇଣ୍ଟାଲ ଧାନ କ୍ରୟ ଟାର୍ଗେଟ ରହିଥିଲା। ତେବେ ଗତବର୍ଷ ୧ଲକ୍ଷ ୮୯ହଜାର ୪୯୮.୯୮ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା । ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୫ହଜାରରୁ ଊର୍ଦ୍ଧ୍ୱ ଚାଷୀ ରହିଥିଲେ ମଧ୍ୟ ଚଳିତ ବର୍ଷ ଗତବର୍ଷ ଅପେକ୍ଷାକୃତ କମ୍ ଧାନ କ୍ରୟ ଟାର୍ଗେଟ କିଭଳି ମିଳିଲା ତାହା ଆଶ୍ଚର୍ଯ୍ୟଜନକ । ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପକରି ଚାଷୀଙ୍କ ନିକଟରେ ରହିଥିବା ଧାନ ଶୀଘ୍ର କ୍ରୟ କରିବାକୁ ଚାଷୀ ମହଲରେ ଦାବି ହୋଇଛି । ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କ୍ରୟ ସମୟ ସୀମା ରହିଛି । ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ମିଲରଙ୍କୁ ଟାର୍ଗେଟ ଦିଆଯାଇଛି । ଆବଶ୍ୟକ ପଡ଼ିଲେ ଆହୁରି ଧାନ କ୍ରୟ ପାଇଁ ଟାର୍ଗେଟ ବଢ଼ିପାରିବ ବୋଲି କହିଛନ୍ତି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମେଶ ସ୍ୱାଇଁ ।

# ୫୧ ବର୍ଷ ପରେ ବିଦ୍ୟାଳୟ ବାର୍ଷିକ ଉତ୍ସବ



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ଚନ୍ଦ୍ରପୁର, ୨୭।୨(ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଟୁରିଗୁଡା ପଞ୍ଚାୟତ ଅଧୀନ ୫୧ ବର୍ଷ ପୁରୁଣା ବାଙ୍ଗାରୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷା ଧିକାରୀ ଗଣେଶ ଶବର ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟୁରିଗୁଡା ସରପଞ୍ଚ ସୁନୀତା ମୁଣ୍ଡିକା, ସ୍କୁଲ କମିଟି ସଭାପତି ଅନନ୍ତ ଅସାଡା, ପ୍ରଧାନ ଶିକ୍ଷକ ତ୍ରିପତି ଗଙ୍ଗା, ନିମନ୍ତ୍ରିତ ଅତିଥି ଭାବେ ଏବିଇଓ ସିଙ୍ଗନା ତାଡିଙ୍ଗି ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଉପସ୍ଥିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଦୀର୍ଘ ୫୧ ବର୍ଷ ଅତିକ୍ରମ ପରେ ଏହା ପ୍ରଥମ ବାର୍ଷିକ ଉତ୍ସବ ହୋଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ମୋଟ ୫୩ ଛାତ୍ରୀଛାତ୍ର ପାଠପଢ଼ୁଛନ୍ତି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲଙ୍ଗ ଜମ୍ପ, ହାଇଜମ୍ପ, ଦୌଡ଼, ନୃତ୍ୟ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ମମତା ପ୍ରଧାନ, ରଞ୍ଜନ ନିମଲପୁରୀ, କେ. ତାରାକେଶ୍ୱରୀ ରାଓ, ବରିଷ୍ଠ ଶିକ୍ଷକ ସୀମାଞ୍ଚଳ ପାଢ଼ୀ, ଏ. ମୋହନ ନାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷ ପର୍ଯ୍ୟାୟରେ ସାମାଜିକ କର୍ମୀ ବିଜୟ ଉଲାକାଙ୍କୁ ମାନପତ୍ର ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଧନୁର୍ଜ୍ୟୟ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଗ୍ରାମର ୨୦୦ରୁ ଅଧିକ ଅଭିଭାବକ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

ରାୟଗଡ଼ା,୨୭।୨ (ଆଶିଷ ରଞ୍ଜନ ପଣ୍ଡା)



ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ରାୟଗଡ଼ା ମହିଳା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବାର୍ଷିକୋତ୍ସବ ଏବଂ ପ୍ରତିଭା ସମ୍ମାନ-୨୦୨୪ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପରିଚାଳନା କମିଟିସଭାପତିଡ. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷା ଡ. ଅର୍ଚ୍ଚନା ପଟ୍ଟନାୟକ, ଅଧ୍ୟାପିକା ସରୋଜା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ପ୍ରତିମା ପଣ୍ଡା ଓ ଏନ୍‌ସିସି ଅଧ୍ୟାପିକା ରୀତାରାଣୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟକ୍ଷା ଅର୍ଚ୍ଚନା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ମହିଳା ମହାବିଦ୍ୟାଳୟ ଯୋଗୁ ଜିଲାର ବହୁ ଛାତ୍ରୀ ଏଠାରେ ସୁରକ୍ଷିତ ଭାବେ ପାଠ ପଢ଼ିବାକୁ ସୁବିଧା ପାଇବା ସହିତ ନିଜର ପ୍ରତିଭା ପ୍ରଦର୍ଶନ କରିପାରୁଥିବା ନେଇ ଅତିଥିମାନେ ମତ ପ୍ରକାଶ କରିଥିଲେ। ପରିଚାଳନା କମିଟି ସଭାପତି ଦୁଷ୍ମନ୍ତ ମହାନ୍ତି ମହିଳା ମହାବିଦ୍ୟାଳୟକୁ ଦେଶ କି ଜାନ୍ ବୋଲି ସମ୍ବୋଧିତ କରିଥିଲେ । ଏହି ଅବସରରେ ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କଲେଜରେ ପ୍ରତିବର୍ଷ ଭଲ ପାଠ ପଢ଼ିବା ସହିତ ଉତ୍ତମ ମାର୍କ ରଖିଥିବା ୬ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

### ରଜନୀରାଣୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ

ଗୁଣପୁର,୨୭।୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକରୁ ଶିକ୍ଷୟିତ୍ରୀ ରଜନୀରାଣୀ ମିଶ୍ର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ରବିବାର ରାୟଗଡ଼ା ଜିସିଡି ହାଇସ୍କୁଲ ପଡ଼ିଆଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୁଣପୁର ସହର ଶଶିଭୂଷଣ ପେଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ତଥା ସୁଲେଖିକା ରଜନୀରାଣୀ ମିଶ୍ରଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ଭାବେ ସମ୍ମାନିତ କରାଯାଇଛି। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ୟ ଲୋକ ପ୍ରତିନିଧିଙ୍କ ସମେତ ଶିକ୍ଷା ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ମାନପତ୍ର ସହ ସିଲ୍ଡ ପ୍ରଦାନ କରିଥିଲେ।

# ନିର୍ବାଚନୀ ଛାଟ: ବଦଳିଲେ ୪ ବର୍ଷର ଅଧିକାରୀ

ଗୁଣପୁର,୨୭।୨(ପ୍ରଦୀପ କୁମାର ପାଢ଼ୀ)

ସ୍ୱଚ୍ଛ ଓ ଅବାଧ ନିର୍ବାଚନ କରିବାକୁ ନିର୍ବାଚନ କମିଶନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ଗତ କିଛିଦିନ ହେଲା ଅଧିକାରୀମାନଙ୍କ ବଦଳି ପ୍ରକ୍ରିୟା ଚାଲିଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଯେଉଁ ସ୍ଥାନରେ ଜଣେ ଅଧିକାରୀ ଦୀର୍ଘଦିନ ହେଲା ରହିଛନ୍ତି, ସେଠାରୁ ତାଙ୍କୁ ବଦଳି କରାଯିବାକୁ ନିର୍ଦ୍ଦେଶ ରହିଛି। ତେବେ ଗତ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗୁଣପୁର ଆଇସିଡିଏସ ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନଙ୍କ ବଦଳି ହୋଇଛି। ସୋମବାର ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପୂର୍ବରୁ ନିର୍ବାଚନ କମିଶନଙ୍କ ପକ୍ଷରୁ ୩ ବର୍ଷରୁ ଊର୍ଦ୍ଧ୍ୱ ଅଧିକାରୀମାନଙ୍କୁ ବଦଳି ପାଇଁ ୨୦୨୩ ଡିସେମ୍ବର ୨୧ରେ ରାଜ୍ୟ ସରକାର ନିର୍ଦ୍ଦେଶ ରହିଥିଲା। ହେଲେ ସେତେବେଳେ ତାଙ୍କର ବଦଳି ହୋଇ ନ ଥିଲା। ଗତ ୨୪ତାରିଖରେ ନିର୍ବାଚନ କମିଶନ ପକ୍ଷରୁ ପୁଣି ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାବେଳେ ଶାନ୍ତିପ୍ରଭାଙ୍କୁ ମାଲକାନଗିରି ଆଇସିଡିଏସକୁ ବଦଳି ହୋଇଛି। ହେଲେ ତାଙ୍କ ସ୍ଥାନରେ ରାଜ୍ୟ ସରକାର କାହାକୁ ନିଯୁକ୍ତି ପ୍ରଦାନ କରିନାହାନ୍ତି।

ସୂଚନାଯୋଗ୍ୟ, ଶାନ୍ତିପ୍ରଭା ପ୍ରଧାନ ଗୁଣପୁର ବ୍ଲକର ବିଡ଼ିଓ ଭାବେ ଗତ ୨୨ ଅକ୍ଟୋବର ୨୦୧୯ରେ ଦାୟିତ୍ୱ ନେଇଥିଲେ। ଏହାପରେ ତାଙ୍କର ୨୦୨୦ ଡିସେମ୍ବର ୬ରେ ପଦୋନ୍ନତି ପାଇ ମଧ୍ୟ ସେ ଗୁଣପୁର ବ୍ଲକର ବିଡିଓ ରହିଥିଲେ। ଶେଷରେ ଗତ ୭ ଫେବୃଆରୀ ୨୦୨୩ରେ ଗୁଣପୁର ଆଇସିଡିଏ ପ୍ରକଳ୍ପ ପ୍ରଶାସିକା ଭାବେ ତାଙ୍କୁ ବଦଳି ହୋଇଥିଲା। ଏପରି ସେ ଗତ ୪ବର୍ଷରୁ ଊର୍ଦ୍ଧ୍ୱ ହେବ ଗୁଣପୁରଠାରେ ରହିଆସୁଥିଲେ। ହେଲେ ତାଙ୍କର କାର୍ଯ୍ୟ ଦକ୍ଷତା ଯେତିକି ଥିଲା, ବିବାଦ ମଧ୍ୟ ସେତିକି ପିଛା ଛାଡ଼ି ନ ଥିଲା । ବ୍ଲକ ଅଧ୍ୟକ୍ଷା ଝିଲି ଶବର ଏବଂ ଶାନ୍ତିପ୍ରଭା ପ୍ରଧାନଙ୍କ ମଧ୍ୟରେ ବିବାଦ ଏପରି ଉଗ୍ରରୂପ ନେଇଥିଲା ଯେ, କଥା ଥାନା ଠାରୁ ଆରମ୍ଭ କରି କୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା। ମାମଲା ଏବେ ଗୁଣପୁରର ବିଭିନ୍ନ କୋର୍ଟରେ ବିଚାରାଧୀନ ପାଇଁ ରହିଛି। ବ୍ଲକ ଘେରାଉ ସମୟରେ ହୋଇଥିବା ଉତ୍ତେଜନାମୂଳକ ମାମଲାରେ ଶାନ୍ତିପ୍ରଭାଙ୍କ ସୋମବାର ଗୁଣପୁରଏସଡିଜେଏମଙ୍କ କୋର୍ଟରେ ସାକ୍ଷ୍ୟଗ୍ରହଣ ପାଇଁ ତାରିଖ ରହିଥିଲା। ତେବେ ସେ ସାକ୍ଷ୍ୟ ପ୍ରଦାନ କରିବାକୁ ଯାଇ ନ ଥିବା ଜଣାପଡିଛି। ଅଧ୍ୟକ୍ଷା ଝିଲି ଶବର ସ୍ୱାଧୀନ ତଥା ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡଙ୍କ ସମର୍ଥକ ହୋଇଥିବା ବେଳେ ଶାସକ ଦଳର ଇସାରାରେ ବିଡିଓ ତାଙ୍କୁ ହାଇରାଣ ହରକତ କରଥିବା ଅଭିଯୋଗ ମଧ୍ୟ ହୋଇଥିଲା।

# ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିର୍ମାଣ କାମ ନିମ୍ନମାନର

ଚନ୍ଦ୍ରପୁର, ୨୭।୨ (ବିଜୟ ପ୍ରସାଦ ଉଲାକା)



ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ ଚାଲିଛି।

**ବିନା ସୂଚନା ଫଳକରେ ନିର୍ମାଣ କାମକୁ ନେଇ ଜନ ଅସନ୍ତୋଷ**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାର ପୁରୁଣା ରାଜସ୍ୱ ବଙ୍ଗଳା ନିକଟରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ନୂଆ ଗୃହ ନିର୍ମାଣ କରାଯାଉଛି। ସରକାରୀ ଗୃହ ନିର୍ମାଣ ପୂର୍ବରୁ ସୂଚନା ଫଳକ ମରାଯିବା ନିୟମ ରହିଛି। ହେଲେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ନିର୍ମାଣ ହେଉଥିବା ଗୃହର କାମ ଶେଷ ହେବାକୁ ବସିଥିଲେ ମଧ୍ୟ କେଉଁ ବିଭାଗ ଦ୍ୱାରା କାମ ହେଉଛି, ଏହାର ଅଟକଳ ମୂଲ୍ୟ କେତେ, କେଉଁ ଯୋଜନା ଏ ସମ୍ପର୍କରେ ସୂଚନା ଫଳକ ଲଗାଯାଇ ନାହିଁ। ଗୃହର ଛାତ କାମ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଛାତ ପଡିବା ସମୟରେ ଠିକ ଭାବେ ଲୁହା ଛଡ଼ ବନ୍ଧା ଯାଇନାହିଁ, କି ଉନ୍ନତମାନର ସାମଗ୍ରୀ ବ୍ୟବହାର କରାଯାଇ ନ ଥିବା ଅଭିଯୋଗ ହୋଇଛି। ଲୁହା ଛଡ଼ଗୁଡ଼ିକୁ ୭ରୁ ୮ ଇଞ୍ଚ ଦୂରତାରେ ବନ୍ଧା ଯାଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଆଜକୁ ଦୀର୍ଘ ୫ ବର୍ଷ ପୂବେ ସେହି ନୂତନ ଗୃହ ପାର୍ଶ୍ୱରେ ଏପରି ଏକ ନୂତନ କାର୍ଯ୍ୟାଳୟ ଗୃହର ନିମ୍ନମାନର କାମ ହେଉଥିବ ନେଇ ଡାଙ୍ଗସୋରଡ଼ାର ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କ ଅଭିଯୋଗ ପରେ ତାହା ସେମିତି ଅଧାପନ୍ତରିଆ ହୋଇ ପଡିରହିଛି। ବର୍ତ୍ତମାନ ଏହି ଘଟଣାର ପୁନରାବୃତ୍ତି କରାଯାଉଥିବା ରାଜସ୍ୱ ନିରୀକ୍ଷକ ଅନନ୍ତ କୁମାର ବେହେରା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ତହସିଲଦାରଙ୍କୁ ମଧ୍ୟ ଅବଗତ କରିଥିବା କହିଛନ୍ତି। ସେହିପରି ନୂତନ ଗୃହର ଚାରିପଟେ ନୂତନ ଭାବେ ପାଚେରି ନିର୍ମାଣ କାମ ଚାଲିଛି। ପୂର୍ବରୁ ରାଜସ୍ୱ ବଙ୍ଗଳା ପାଇଁ ନିର୍ମାଣ ହୋଇଥିବା ପୁରୁଣା ଫାଉଣ୍ଡେସେନ କାନ୍ଥ ଉପରେ ଇଟା ଯୋଡ଼େଇ ପାଚେରି ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ ଏପରି ନିମ୍ନମାନର କାମର ତଦନ୍ତ କରାଯାଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଚନ୍ଦ୍ରପୁର ତହସିଲଦାର ବିଚିତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ ନିମ୍ନମାନର କାମ ହେଉଥିବା ନେଇ ରାଜସ୍ୱ ନିରୀକ୍ଷକ ମୋତେ ଲିଖିତ ଭାବେ ଜଣେଇଛନ୍ତି। ମୁ ଉପରିସ୍ଥ ଅଧିକାରୀଙ୍କୁ ଜଣେଇବି ବୋଲି କହିଛନ୍ତି।

# କାଶୀପୁର ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଦାବି

ଟିକିରି,୨୭।୨ (ପ୍ରଫୁଲ୍ଲ କୁମାର ବେହେରା)

ରାଜ୍ୟ ସରକାରଙ୍କ ୩୪ ନୂଆ ଏନ୍‌ଏସି ଘୋଷଣା ପରେ ରାୟଗଡ଼ା ଜିଲା କାଶୀପୁର ବ୍ଲକକୁ ଏନ୍‌ଏସି ମାନ୍ୟତା ଦାବି ଜୋର ଧରିଛି। ଜିଲାରେ କାଶୀପୁର ବ୍ଲକ୍ ଖଣିଜ ସମ୍ପଦରେ ଭରା ହୋଇଥିବାବେଳେ ଏଠାରେ ବହୁ ଛୋଟବଡ଼ ଶିଳ୍ପାନୁଷ୍ଠାନ ଗଢ଼ି ଉଠିଛି। ଏନ୍‌ଏସି ଗଠନ ପାଇଁ କାଶୀପୁର ବ୍ଲକ୍ ଯୋଗ୍ୟ ଥିବା ସତ୍ତ୍ୱେ କାହିଁକି ସରକାର ଘୋଷଣାକଲେ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି।

# ସେଞ୍ଚୁରିଆନ କଲେଜରେ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷା

ରାୟଗଡ଼ା,୨୭।୨(ଆଶିଷ ରଞ୍ଜନ ପଣ୍ଡା)

ସିକିଲ୍ ସେଲ୍ ଓ ଥାଲାସେମିଆ ରୋଗକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ରକ୍ତ ପରୀକ୍ଷା କାର୍ଯ୍ୟକ୍ରମ ଶନିବାର ପିତାମହଲସ୍ଥିତ ସେଞ୍ଚୁରିଆନ କଲେଜରେ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡା. ସୁନୀଲ ମହାପାତ୍ରଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ ରକ୍ତ ନମୁନା ସଂଗ୍ରହ କରିଥିଲେ। ସେଞ୍ଚୁରିଆନ ବିଦ୍ୟାଳୟରେ ଅଧ୍ୟୟନରତ ସମସ୍ତ ଛାତ୍ରୀଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସିକିଲ୍ ସେଲ୍ ଓ ଥାଲାସେମିଆ ରୋଗ ଏକ ବଂଶାନୁକ୍ରମିକ ରକ୍ତ ସମ୍ବନ୍ଧୀୟ ସମସ୍ୟା, ଯାହା ମା'ବାପାଙ୍କଠାରୁ ପିଲାମାନଙ୍କୁ ଆସିବା ଆଶଙ୍କା ରହିଛି। ରୋଗବାହକ ସ୍ଥିତିକୁ ଜାଣିଲେ ହିଁ ସିକିଲ୍ ସେଲ୍ ଓ ଥାଲାସେମିଆ କବଳରୁ ଆଗାମୀ ପିଢ଼ିକୁ ମୁକ୍ତ କରିପାରିବା ବୋଲି ଡା. ମହାପାତ୍ର ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢ଼ୀ ଓ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ପଞ୍ଜୀକରଣ ଓ ରକ୍ତ ପରୀକ୍ଷଣ କିଟ୍ ପ୍ରଦାନ କାର୍ଯ୍ୟରେ ସହଯୋଗ କରିଥଲେ।



ଜଣେ ଛାତ୍ରଙ୍କ ରକ୍ତ ନମୁନା ସଂଗ୍ରହ କରାଯାଉଛି ।

# ଗ୍ରାମାଞ୍ଚଳ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମିଶନ ଶକ୍ତି

**ବିଭିନ୍ନ ସ୍ଥାନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ**

ଗୁଡ଼ାରି/ଗୁଣପୁର/ପଦ୍ମପୁର/ବିଷମକଟକ,୨୭।୨ (ପ୍ରମୋଦ ପତି/ପ୍ରଦୀପ ପାଢ଼ୀ/ପ୍ରଶାନ୍ତ କର/ବିଭୂତି ନାୟକ)



ଗୁଣପୁରରେ ଏସ୍‌ଏସ୍‌ଜି ମହିଳାମାନଙ୍କୁ ଚେକ୍ ପ୍ରଦାନ କରାଯାଉଛି ।



ଗୁଡାରି କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ ।

ରାୟଗଡ଼ା ଜିଲାର ଗୁଣପୁର, ଗୁଡାରି, ବିଷମକଟକ ଏବଂ ପଦ୍ମପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଓଡ଼ିଶା ସରକାରଙ୍କର ମିଶନ ଶକ୍ତି ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଗୁଡାରିସ୍ଥିତ ନୂତନ ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଅତିଥି ଭାବେ ଯୋଗଦେଇ ଏହା ଓଡ଼ିଶାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଉପାଧ୍ୟକ୍ଷ ବିଶ୍ୱନାଥ ଶବର, ଏନ୍‌ଏସି ଅଧ୍ୟକ୍ଷା ସରମିତା ଶବର ପ୍ରମୁଖ ମଞ୍ଚାସୀନ ରହି ମିଶନ ଶକ୍ତି ଦ୍ୱାରା ଗ୍ରାମାଞ୍ଚଳ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ସଶକ୍ତ ହେଉଥିବା କହିଥିଲେ। ଗୁଡାରି ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ମିଶନ ଶକ୍ତି ମହିଳା, ଅଙ୍ଗନୱାଡ଼ି କର୍ମୀ, ବ୍ୟାଙ୍କ ମିତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୁଡାରି ସିଡିପିଓ ପୁଷ୍ପାଞ୍ଜଳି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିପିସି ମିଶନ ଶକ୍ତି କ୍ରାନ୍ତି ପାଢ଼ୀ ଓ ବିପିଏମ୍ ମାନସ ବାରିକ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱନାଥ ସାମଲ ମଞ୍ଚ ପରିଚାଳନା କରିଥିଲେ।

ଗୁଣପୁର ମିଶନ ଶକ୍ତି ଭବନ ପରିସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, ମୁଖ୍ୟବକ୍ତା ଭାବେ ଗୋଷ୍ଠି ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଡିପିଓ ସୁଷମା ପ୍ରସାଦ, ବିଏଲଏଫ ଅଧ୍ୟକ୍ଷ ମଞ୍ଜୁଶ୍ରୀ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ, ପ୍ରାଣୀ ଚିକିତ୍ସକ, କୃଷି ବିଭାଗ, ଗଣ ଶିକ୍ଷା ବିଭାଗର କର୍ମକର୍ତ୍ତା ଓ ବ୍ଲକର ଶତାଧିକ ସିଆର୍‌ପି, ଏମବିକେ, ବ୍ୟାଙ୍କ ମିତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବେବିରାଣୀ ନନ୍ଦ ପରିଚାଳନା କରିଥିବାବେଳେ ବିପିସି ଜୟନ୍ତ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତି ଅଧ୍ୟକ୍ଷା ମଣିମାଳା ଶବର ଯୋଗଦେଇ ନାରୀ ଶକ୍ତିକୁ ଏକ ମହାନ୍ ଶକ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ସୁଜିତ କୁମାର ମିଶ୍ର ଯୋଗଦେଇ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କ ଆର୍ଥିକ ଏବଂ ସାମାଜିକ ଦିଗରେ ଉନ୍ନତି ହେଉଥିବା କହିଥିଲେ । ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ରବି ନାରାୟଣ ଆଚାର୍ଯ୍ୟ, ଡରଗିନ ଶବର, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିକାରୀ ପ୍ରମିଳା ବେହେରା, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ସୁନୀଲ ମିଶ୍ର, ବ୍ଲକ ପ୍ରକଳ୍ପ ସହାୟିକା ଜସ୍ମିତା ଗମାଙ୍ଗ, ବ୍ଲକ ମତ୍ସ୍ୟ ଅଧିକାରୀ ଅଶ୍ୱିନୀ ବିଶ୍ୱାଳ, ଓଡ଼ିଶା ଜୀବିକା ମିଶନର ପ୍ରକଳ୍ପ ପରିଚାଳକ ମନୋଜ ଗମାଙ୍ଗ, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ ।

ବିଷମ କଟକସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ଭରୁକା,ସୁଜାତା ହୁଇକା, ଷ୍ଟେଟବ୍ୟାଙ୍କ ଓ ଆଇଓବି ବ୍ୟାଙ୍କ ମ୍ୟାନେଜର, ବିପିଏମ୍ ମାନସୀ ଟାକିରି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଷମ କଟକ ବ୍ଲକର ୨୧ ପଞ୍ଚାୟତରୁ ଶତାଧିକ ଏସ୍‌ଏସଜି ମହିଳା ଯୋଗ ଦେଇଥିଲା।

## ସଂକ୍ଷେପରେ

### ଦେଶୀ ମଦ ଚାଲାଣ ବେଳେ ଚଢାଉ, ଜଣେ ଗିରଫ

ଜୟପୁର, ୨୭।୨(ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ମଙ୍ଗଳବାର ଚଢାଉ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି । ସେ ହେଲେ କୁଶପୁରୀ ଗ୍ରାମର କୁଲୁ ପୁଜାରୀ । ସେ ମଦ ଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ଗ୍ରାମ ରାସ୍ତାରେ ଚଢାଉ କରି ତାଙ୍କୁ ଧରିଥିଲେ। କୁଲୁଙ୍କଠାରୁ ୧୩ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର କହିଛନ୍ତି। ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଦେଶୀ ୬୦ ଲିଟର ମଦ ଓ ୫ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛନ୍ତି। ଚଢାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। ବହୁ ମଦ ଭାଟି ଭାଙ୍ଗି ମଦରନ୍ଧା ସରଞ୍ଜାମ ଜବତ କରି କର୍ମଚାରୀମାନେ ଫେରିଥିବା ଓଆଇସି ମିଶ୍ର କହିଛନ୍ତି।

### ଏସ୍‌ଏଚଜି ମହିଳାଙ୍କୁ ବିନା ସୁଧରେ ଋଣ ପ୍ରଦାନ କାର୍ଯ୍ୟକ୍ରମ

ଜୟପୁର, ୨୭।୨(ପବନ ପାଣିଗ୍ରାହୀ)

ଏସଏଚଜି ମହିଳାଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଶୁଭାରମ୍ଭ କରିଥିଲେ। ଏହାର ଭିଡିଓ କନଫରେନ୍ସ ସିଧା ପ୍ରସାରଣ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କମଧ୍ୟରେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡାଧ୍, ଜିଲା ପରିଷଦ ସଭ୍ୟାମାନେ ଉପସ୍ଥିତ ଥିଲେ। ଏସଏଚଜି ମହିଳାମାନଙ୍କୁ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ, ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା ମଧ୍ୟ ଶୁଭାରମ୍ଭ ହୋଇଥିଲା। ଜୟପୁର ବ୍ଲକର ୧୧୯ ଜଣ ଏସଏଚଜି ଗ୍ରୁପଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ୬ ଶହ ଏସଏଚଜି ମହିଳା ଉପସ୍ଥିତ ଥିଲେ।

### ଶାରୀରିକ ଅକ୍ଷମ ଛାତ୍ରୀଛାତ୍ରଙ୍କ ତିନିଦିନିଆ ଚିକିତ୍ସା ଶିବିର

ବୋରିଗୁମ୍ମା, ୨୭।୨(ବିଜୟ ସାହୁ)

ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ର ଗୃହରେ ଶାରୀରିକ ଅକ୍ଷମ ଛାତ୍ରୀଛାତ୍ରଙ୍କ ଚିକିତ୍ସା ନିମନ୍ତେ ତିନିଦିନିଆ ଅଣ ଆବାସିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶଶିଭୂଷଣ ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୪୦ ଜଣ ଶାରୀରିକ ଅକ୍ଷମ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହ ଯୋଗଦେଇଥିଲେ। ଶାରୀରିକ ଅକ୍ଷମ ଛାତ୍ରୀଛାତ୍ରଙ୍କୁ ଫିଜିଓଥେରାପି ମାଧ୍ୟମରେ ସଶକ୍ତ କରିବା ଏହି ଶିବିରର ମୂଳଲକ୍ଷ୍ୟ। ଏ ନେଇ ଫିଜିଓଥେରାପି ଡକ୍ଟର ପଦ୍ମା ମାଝୀ ଓ ବରିଷ୍ଠ ସହକାରୀ ବିଜୟ ସାହୁ ଛାତ୍ରୀଛାତ୍ରମାନଙ୍କୁ ଚିକିତ୍ସା କରିଥିଲେ। ବିଭାଗୀୟ ଅଧିକାରୀ କାକୁଳି ଭଟ୍ଟାଚାର୍ଯ୍ୟ, ବରିଷ୍ଠ ସହାୟିକା ସୁଜାତା ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଜଗଦୀଶ ମେହେର ଶିବିର ପରିଚାଳନା କରିଥିଲେ।

# ଓଡ଼ିଶା ସୀମାନ୍ତ ନେରିଡ଼ିବାଲସାରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଶିବିର

ପଟ୍ଟାଙ୍ଗି, ୨୭।୨(ଶରତ ଧଳ)

ଦୀର୍ଘଦିନର ନୀରବତା ପରେ ପଡ଼ୋଶୀ ଆନ୍ଧ୍ର ଓଡ଼ିଶାର ସୀମାନ୍ତ ଗ୍ରାମ ଉପରେ ନଜର ପକାଇଛି। ଆନ୍ଧ୍ର ପୋଲିସ ପ୍ରଶାସନ ମଙ୍ଗଳବାର ଅନୁପ୍ରବେଶକରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ନେରିଡ଼ିବାଲସା ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଛି। ଆନ୍ଧ୍ରର ପାର୍ବତୀପୁରମ୍ ମାନ୍ୟାମ ଜିଲା ପୋଲିସ ପ୍ରଶାସନ କରିଥିବା ଏହି ଶିବିରରେ ଲୋକଙ୍କୁ ଚିକିତ୍ସା କରି ଔଷଧ ପ୍ରଦାନ କରିଛି। ଏଥିରେ ଆନ୍ଧ୍ର ପୋଲିସର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ ସାରନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟସେବା ଶିବିରକୁ ଉଦ୍‌ଘାଟନକରି ଉପସ୍ଥିତ ସହକର୍ମୀଙ୍କୁ



ସ୍ୱାସ୍ଥ୍ୟସେବା ଶିବିରରେ ପୋଲିସ ଅଧିକାରୀମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଶିବିରରେ ଯୋଗଦେଇଥିବା ଗ୍ରାମବାସୀଙ୍କ ସମସ୍ୟା ବୁଝି ତଥ୍ୟ ସଂଗ୍ରହକରି ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଯେପରି ଶିବିରରେ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହେବେ ସେଥିପ୍ରତି ଦୃଷ୍ଟି ରଖିବାକୁ ସାରନ୍ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ର ପୋଲିସ ପ୍ରଶାସନ ସବୁବେଳେ ସୀମାନ୍ତ ଗ୍ରାମବାସୀଙ୍କୁ ସେବା ଓ ସୁରକ୍ଷା ଯୋଗାଇଦେବାରେ ସହଯୋଗ କରିବ। ଏଥିରେ କେହି ମନରେ ଭୟ ନ ରଖି ଯେକୌଣସି ସମୟରେ ତାଙ୍କ ନିକଟରେ ପହଞ୍ଚି ସମସ୍ୟା ସମ୍ପର୍କରେ ଜଣାଇପାରିବେ ବୋଲି ଉପସ୍ଥିତ ଗ୍ରାମବାସୀଙ୍କୁ ସେ କହିଥିଲେ। ଅନ୍ୟପକ୍ଷରେ ଆନ୍ଧ୍ର ପୋଲିସର ଏହିପରି କାର୍ଯ୍ୟକ୍ରମ ଓଡ଼ିଶାର ବ୍ଲକ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ଖବର ନ ଥିବା ଜଣାପଡିଛି। ଏ ସମ୍ପର୍କରେ ବିଡିଓ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ଆନ୍ଧ୍ରର ଏହି ସ୍ୱାସ୍ଥ୍ୟସେବା ସମ୍ପର୍କରେ ତାଙ୍କ ନିକଟରେ କୌଣସି ଖବର ନାହିଁ। ଏହାର ଅନୁଧ୍ୟାନକରି ଜିଲା ପ୍ରଶାସନକୁ ଅବଗତ କରାଯିବ ବୋଲି ପଟ୍ଟନାୟକ କହିଥିଲେ।

## ହିକିମପୁଟ ସରପଞ୍ଚ, ତାଙ୍କ ସ୍ୱାମୀଙ୍କ କାର୍ଯ୍ୟକଳାପକୁ ବିରୋଧ

ନନ୍ଦପୁର, ୨୭।୨(ଶଙ୍କରପୂଜାରୀ)

**ଜିଲାପାଳ, ସିଡିଓଙ୍କୁ ଭେଟି ଅଭିଯୋଗ କଲେ ୧୦ ୱାର୍ଡସଭ୍ୟ**

ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ସରପଞ୍ଚ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କ କାର୍ଯ୍ୟକଳାପକୁ ଜନ ବିରୋଧୀ ଦର୍ଶାଇ ୧୧ ୱାର୍ଡ ବିଶିଷ୍ଟ ପଞ୍ଚାୟତର ୧୦ ୱାର୍ଡ ସଭ୍ୟାସଭ୍ୟ ମଙ୍ଗଳବାର କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀଙ୍କୁ ଅଭିଯୋଗ କରିଛନ୍ତି। ଏହିସମୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରଛନ୍ତି। ଅଭିଯୋଗର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏହାର ତଦନ୍ତ କରାଯିବ ବୋଲି ଜିଲାପାଳ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ୱାର୍ଡସଭ୍ୟ ବନ୍ଧୁ ବିଶୋୟୀ, ଦଇମତି ଖିଲ, ଡୋଲି ମୁଦୁଲି, ବାସନ୍ତୀ ଦୋରା, ଲଛମନ ହନ୍ତାଳ, ଡାଲୁ ମାଝୀ, ପରୀମା ଖିଲ, ଭୁବୁ ନାଙ୍ଗେଡ, ସଦା ହନ୍ତାଳ ପ୍ରମୁଖ କହିଛନ୍ତି। ସରପଞ୍ଚ ଯମୁନା ବଡନାୟକ ତାଙ୍କ ସ୍ୱାମୀ ଭଗବାନ ବଡନାୟକ ଶଶୁର ମଧୁ ବଡନାୟକ ମିଶି କ୍ଷମତାର ଦୁରୁପଯୋଗ କରି ଦୁର୍ନୀତିରେ ଲିପ୍ତଥିବା ୱାର୍ଡସଭ୍ୟମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରପଞ୍ଚ କାର୍ଯ୍ୟାଳୟକୁ ଆସୁ ନ ଥିବା ବେଳେ ତାଙ୍କ ସ୍ଥାନରେ ତାଙ୍କ ସ୍ୱାମୀ ଓ ଶ୍ୱଶୁର ବସି ପଞ୍ଚାୟତ କାର୍ଯ୍ୟ କରୁଛନ୍ତି। ସମସ୍ତ ଫାଇଲ ଚେକ୍ ଆଦିରେ ସରପଞ୍ଚଙ୍କ ବଦଳରେ ସ୍ୱାମୀ ଓ ଶ୍ୱଶୁର ଦସ୍ତଖତ କରୁଥିବା ଦର୍ଶାଇ କିଛି କାର୍ଯ୍ୟକଳାପର ଫଟୋ ମଧ୍ୟ ୱାର୍ଡସଭ୍ୟମାନେ ଦୁଇ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ପଞ୍ଚାୟତରେ ୱାର୍ଡ ସଭ୍ୟାସଭ୍ୟଙ୍କ କୌଣସି ପ୍ରସ୍ତାବ ଗ୍ରହଣ କରାଯାଉ ନାହିଁ। ଗତ ଜାନୁଆରୀ ୨୬ରେ ବିଡିଓଙ୍କ ଉପସ୍ଥିତିରେ ଆୟୋଜିତ ଗ୍ରାମସଭାରେ ପାରିତ ପ୍ରସ୍ତାବକୁ ଉପେକ୍ଷା କରି ପୁରୁଣା କିଓସ୍କ ବ୍ୟାଙ୍କ ମାଲିକଙ୍କୁ ନୂତନ ସିଏସ୍‌ପି ପ୍ଲସ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାଙ୍କ ନାମରେ ବୃଦ୍ଧାବୃଦ୍ଧଙ୍କୁ ଏକାଧିକ ବାର ଠକେଇ କରିଥିବା ଅଭିଯୋଗ ରହିଛି। ପଞ୍ଚାୟତରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡିକରେ ସରପଞ୍ଚ ନିଜେ ଠିକାଦାର ସାଜୁଛନ୍ତି। ନଚେତ୍ ସ୍ୱାମୀ ଓ ଶ୍ୱଶୁରଙ୍କ ଦ୍ୱାରା ନିଯୁକ୍ତ ଅନ୍ୟ ଠିକାଦାରଙ୍କୁ ୧୦ ପ୍ରତିଶତ ପିସି ନେଇ କାର୍ଯ୍ୟ କରୁଥିବା ଭଳି ଅଭିଯୋଗ ପତ୍ରରେ ଉଲ୍ଲେଖରହିଛି। ସରପଞ୍ଚ ଯମୁନା ବଡ଼ନାୟକଙ୍କୁ ପଚାରିବାରେ ଏ ସମ୍ପର୍କରେ ପଚାରିବାରୁ ସେ ସମସ୍ତ ଅଭିଯୋଗ ଭିତ୍ତିହୀନ ବୋଲି ପ୍ରକାଶ କରି ସେ ନିୟମ ଅନୁସାରେ କାର୍ଯ୍ୟ କରୁଛନ୍ତି। ଯେ କୌଣସି ତଦନ୍ତ ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି। ବିଡିଓ ଦୁର୍ଗା ପ୍ରସାଦ ଦୋରା ୱାର୍ଡ ସଭ୍ୟ ସଭ୍ୟାମାନଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି।

# କୋରାପୁଟ ଜିଲାର ୬ ଅଧିକାରୀଙ୍କ ବଦଳି

କୋରାପୁଟ, ୨୭।୨(ଅମିତାଭ ବେହେରା)

**ସାଧାରଣ ନିର୍ବାଚନ**

ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନରଙ୍କ ଗାଇଡଲାଇନ ଅନୁଯାୟୀ କୋରାପୁଟ ଜିଲାର ବହୁ ପଦସ୍ଥ ଅଧିକାରୀଙ୍କୁ ଅନ୍ୟ ଜିଲାକୁ ବଦଳି କରାଯାଇଛି। କୋରାପୁଟ ଜିଲା ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୋମନାଥ ପ୍ରଧାନଙ୍କୁ ମାଲକାନଗିରି ଜିଲାର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଥିବାବେଳେ ତାଙ୍କ ସ୍ଥାନରେ ଜଗତସିଂହପୁର ଜିଲାର ଅତିରିକ୍ତ ଜିଲାପାଳ ଥିବା ଲଗ୍ନଜିତ ରାଉତଙ୍କୁ କୋରାପୁଟକୁ ବଦଳି ହୋଇଛି। ସେହିପରି କୋରାପୁଟର ଅତିରିକ୍ତ ଜିଲାପାଳ (ସାଧାରଣ) ରାଜେନ୍ଦ୍ର କୁମାର ମାଝିଙ୍କୁ ଗଜପତି ଜିଲାର ଚେଲିଗୁଡା ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଏଲଏଓ ଭାବେ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଗଞ୍ଜାମ ଜିଲାର ଆରଆଇସିର ଜେନରାଲ ମ୍ୟାନେଜର ପ୍ରସନ୍ନ ପାତ୍ରଙ୍କୁ ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି । ସେହିପରି କୋରାପୁଟ ସିଡିଓ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ କାର୍ଯ୍ୟ କରୁଥିବା ଦୟାମୟ ପାଢୀଙ୍କୁ କଳାହାଣ୍ଡି ସିଡିଓ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ପୁରୀ ଜିଲାର ସିଡିଓ ଭାବେ କାର୍ଯ୍ୟ କରୁଥିବା ଦେବାଶିଷ ପଟ୍ଟନାୟକଙ୍କୁ ଅବସ୍ଥାପିତ କରାଯାଇଛି। ସେହିପରି କୋରାପୁଟ କ୍ରୀଡା ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମର କ୍ରୀଡା ଓ ଯୁବ ସେବା ବିଭାଗକୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ଗଞ୍ଜାମ ଜିଲାର କ୍ରୀଡା ଅଧିକାରୀ ସନ୍ତୋଷ ସାହୁଙ୍କୁ କୋରାପୁଟକୁ ବଦଳି ହୋଇଛି । କୋରାପୁଟ ଜିଲାର ଜୟପୁର ପିଏ ଆଇଟିଡିଏ ଥିବା ପ୍ରଣୟ ରଞ୍ଜନ ବେହେରାଙ୍କୁ ବାରିପଦା ପିଏ ଆଇଟିଡିଏ ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ବାରିପଦାର ପିଏ ଆଇଟିଡିଏ ରାମଚନ୍ଦ୍ର ସୋରେନ ଆସିଛନ୍ତି। କୋରାପୁଟ ପିଏଆଇଟିଡିଏ ସୋମ୍ୟ ସାର୍ଥକ ମିଶ୍ରଙ୍କୁ କେନ୍ଦୁଝର ପିଏଆଇଟିଡିଏ ଭାବେ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ କେନ୍ଦୁଝର ପିଏଆଇଟିଡିଏ ତପନ ନାୟକଙ୍କୁ ଅବସ୍ଥାପିତ କରାଯାଇଥିବା ରାଜ୍ୟ ସରକାରଙ୍କ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ବୈପାରିଗୁଡା, ୨୭।୨(କଳ୍ପତରୁ ମହାନ୍ତି)

ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣିଗୁଡାସ୍ଥିତ ସତ୍‌ସଂଘ ବିହାରଠାରେ ଠାକୁର ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୟପୁରରୁ ବିନୋଦ ମହାପାତ୍ର ଯୋଗ ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ବିଦ୍ୟୁ ଚରଣ ମହାନ୍ତି ଠାକୁରଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଋତ୍ୱିକ୍ ନିରଞ୍ଜନ ଆଚାର୍ଯ୍ୟ ଏକ ଶୃଙ୍ଖଳିତ ସମାଜ ଓ ପରିବାର ପାଇଁ ଠାକୁରଙ୍କ ଦିଗ୍‌ଦର୍ଶନ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି ଅବସରରେ ୧୦ ଜଣ ଗୁରୁଭାଇ ଦିକ୍ଷିତ ହୋଇଥିଲେ। କାଯରୟକ୍ରମକୁ ଗୁରୁଭାଇ ଅମୂଲ୍ୟ ଚନ୍ଦ୍ର ଧଳ,ଅନନ୍ତ ପ୍ରଧାନ, ଗୁଣନିଧି ମଲ୍ଲିକ, କୃପାସିନ୍ଧୁ ଗିରି ଓ ଜୟରାମ ପାତ୍ର ପରିଚାଳନା କରିଥିଲେ।

## ହିନ୍ଦୁସ୍ଥାନ ଏରୋନଟିକ୍ସ ମଜଦୁର ସଂଘର ନୂଆ କର୍ମକର୍ତ୍ତା

କୋରାପୁଟ/ସୁନାବେଡ଼ା, ୨୭।୨ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲାର ସୁନାବେଡ଼ାସ୍ଥିତ ହିନ୍ଦୁସ୍ଥାନ ଏରୋନଟିକ୍ସ ମଜଦୁର ସଂଘ(ଏଚ୍‌ଏଏମ୍‌ଏସ୍)ର ୨୦୨୪-୨୫ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୀତ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ରାଜ୍ୟ ବିଏଏମ୍‌ଏସ୍ ସଂଘର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏକ କାର୍ଯ୍ୟକ୍ରମରେ ସଂଘ ଉପସଭାପତି ଆଲୋକ ରଥ, ମୁଖ୍ୟବକ୍ତା ଭାବେ ଜୋନାଲ ସମ୍ପାଦକ ଗିରୀଶ ଚନ୍ଦ୍ର ମହନ୍ତି, ସମ୍ମାନିତ ଅତିଥିଭାବେ ବିରଞ୍ଚି ଷଡ଼ଙ୍ଗୀ, ଶ୍ରୀକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଉପସ୍ଥିତିରେ ଏଚ୍‌ଏଏମ୍‌ଏସ୍‌ର ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ନନ୍ଦନ ସେନାପତି, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଭାନୁ ଶତପଥୀ, ୮ଜଣ ଉପସଭାପତ ପ୍ରମୋଦ ସାମନ୍ତରାୟ, ଭଗବାନ ସ୍ୱାଇଁ, ଅନନ୍ତ ମଲ୍ଲିକ, ଘେନୁ କାଡାମ, ଗୌର ଗୋପାଳ ଦାସ, ହିମାଂଶୁ ମିଶ୍ର, ସୁବ୍ରତ କିଷାନ, ସୁରେଶ ଚନ୍ଦ୍ର ନାୟକ, ସାଧାରଣ ସମ୍ପାଦକ ଭାବେ ଯଦୁନାଥ ସୋରେନ, ଅତିରିକ୍ତ ସାଧାରଣ ସମ୍ପାଦକ ସୁବ୍ରତ ମହାନ୍ତି, କାର୍ଯ୍ୟାଳୟ ସମ୍ପାଦକ ରୂପେ ପ୍ରଦୀପ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ରାମପ୍ରସାଦ ଦାସ, ଅତିରିକ୍ତ ସଙ୍ଗଠନ ସମ୍ପାଦକ ଭାବେ ବିଭୂତିଭୂଷଣ ମଲ୍ଲିକ, ୭ ଜଣ ସମ୍ପାଦକ ଟି.ସତ୍ୟନାରାୟଣ ମୂର୍ତ୍ତି , ରାମଚନ୍ଦ୍ର ସାହୁ, ପ୍ରଶାନ୍ତ ଜେନା, ବିକାଶ ହନ୍ତାଳ, ଦୁର୍ଗାମାଧବ ଦାସ, କାଳିଚରଣ କାନଡ୍ୟାଙ୍ଗ, ହରେକୃଷ୍ଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ମନୋରଞ୍ଜନ ପଣ୍ଡିତ ମନୋନୀତ ହୋଇଛନ୍ତି।




କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାହାରିଥିବା ମୋଟରଯାନ ଆଇନ ସମ୍ପର୍କିତ ଶୋଭାଯାତ୍ରାକୁ ଅଧକ୍ଷ ତଥା ଜିଲା ଜଜ ସତ୍ୟ ନାରାୟଣ ମିଶ୍ର ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି। ପାଖରେ ଅନ୍ୟ ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ଅଛନ୍ତି।

## ଏସ୍‌ଏଚଜିଙ୍କ ଋଣ ସୁଧ ଛାଡ ନେଇ ସୂଚନା ଦେଲେ ଅଧକ୍ଷା

ପଟ୍ଟାଙ୍ଗି, ୨୭।୨(ଶରତ ଧଳ)

ଗ୍ରାମାଞ୍ଚଳ ମହିଳାଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ସେମାନଙ୍କୁ ସ୍ୱାବଲମ୍ବି କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କୁ ରୋଜଗାରକ୍ଷମ ପାଇଁ ମଧ୍ୟ ଋଣ ଦେଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଏକ ସଚେତନତା କାର୍ଯ୍ୟକ୍ରମ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବ୍ୟାଙ୍କ ଜରିଆରେ ସରକାର ପ୍ରଦାନ କରୁଥିବା ଋଣ କିପରି ଠିକ ସମୟରେ ଫେରସ୍ତ କରି ଦୁଇ ଗୁଣ ଋଣ ପାଇପାରିବେ ସେନେଇ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ଜୋନ-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜୋନ-୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ବିଡିଓ ସୁକାନ୍ତ ପଟ୍ଟନାୟକ, ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ସଭାପତି ମାଳତି ସାନ୍ତା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର ଏସ୍‌ଏଚଜିଙ୍କୁ ଋଣ ଟଙ୍କାକୁ ୧୦ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଥିବା ଏବଂ ସେମାନେ ଯେପରି ଗୋଟିଏ ରଙ୍ଗର ଶାଢି କିଣି ୟୁନିଫର୍ମ ଭାବେ ବ୍ୟବହାର କରିବେ ସେଥିପାଇଁ ଜଣକ ପିଛା ଏକ ହଜାର ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିବା ପ୍ରକାଶ କରିଥିଲେ। ଏସ୍‌ଏଚଜି ଋଣ ନେଇ ଠିକ ସମୟରେ ପରିଶୋଧ କରିଥିବାରୁ ସରକାର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଖାତକୁ ସୁଧ ଫେରସ୍ତ କରିଥିବା ଅଧକ୍ଷା ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ବ୍ଲକରେ ମିଶନ ଶକ୍ତି ମାଧ୍ୟମରେ ୧୧୭୫ଟି ଗୋଷ୍ଠୀ ପରିଚାଳିତ ହେଉଛି। ସେଥିରୁ ୨୩୯ଟି ଗୋଷ୍ଠୀ ଠିକ ସମୟରେ ନେଇଥିବା ଋଣକୁ ପରିଶୋଧ କରିଥିବାରୁ ୮୩ ଲକ୍ଷ ଟଙ୍କା ସୁଧ ଆକାରରେ ଫେରସ୍ତ କରିଥିବା ବ୍ୟାଙ୍କ ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ଜିପିଓ ଦିବାକର ପୁରୋହିତ ପରିଚାଳନାରେ ସହଯୋଗ କରିଥିଲେ।

# ସରିଲା ପୋଖନାଗୁଡ଼ା ବାଲିଯାତ୍ରା

ଡାବୁଗାଁ, ୨୭।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ ପୋଖନଗୁଡ଼ା ଗ୍ରାମରେ ଗତ ୧୯ରୁ ଚାଲିଥିବା ବାଲିଯାତ୍ରା ମଙ୍ଗଳବାର ଶେଷ ହୋଇଛି। ଏହି ଯାତ୍ରା ୫ବର୍ଷରେ ଥରେ ପାଳନ କରାଯାଏ।

ଚଚରାଗୁଡ଼ା ଓ ପୋଖନଗୁଡ଼ା ମଧ୍ୟରେ ଥିବା ବାଲିକୁଆଁରୁ ପୂଜା କରାଯାଏ। ସେଠାରୁ ବାଲି ଓ କଳସ ଅଣାଯାଇ ଗ୍ରାମଦେବୀ ମାଁ ଠାକୁରାଣୀ ମନ୍ଦିରରେ ସ୍ଥାପନ କରାଯାଏ। ଲୋକେ ଆଣିଥିବା ବିଭିନ୍ନ ପ୍ରକାର ଶସ୍ୟକୁ ବାଲି ଉପରେ ବୁଣି ପୂଜା କରିବା ସହ ଆଗାମୀ ବର୍ଷରେ ଭଲ ଫସଲ ପାଇଁ ଗୁହାରି କରିଥାନ୍ତି। ଏହାପରେ ସମସ୍ତ ଦେବଦେବୀଙ୍କ ପ୍ରତୀକ ଲାଠିକୁର୍ଚ୍ଚିକୁ ମଣ୍ଡପକୁ ଅଣାଯାଇ ପୂଜା କରାଯାଇଥାଏ। ଶେଷ ଦିନରେ ସମସ୍ତ କଳସ, ବିଭିନ୍ନ ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚି, ପାଲିଙ୍କି, ସିରା, ଦିଶାରିମାନେ ନାଚ କରି ଶୋଭାଯାତ୍ରାରେ ବାଲିଯାତ୍ରା ପଡିଆରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ସହ ବିସର୍ଜନ କରାଯାଏ। ଶେଷ ଦିନରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ବୀଣା ମାଝି, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ପାପଡ଼ାହାଣ୍ଡି ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଚଚରାଗୁଡ଼ା ସରପଞ୍ଚ ରଞ୍ଜୁ ଭତରା, ଚଚରାଗୁଡା ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ନାୟକ, ନାଏବ ସରପଞ୍ଚ ଯୁଧିଷ୍ଠି ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ବାଲିଯାତ୍ରା ପୂଜା କମିଟିର ପଦ୍ମଚରଣ ମାଝି, ଯାଦବ ମାଝି, ହେମନ୍ତ ଗୌଡ଼, ତ୍ରିନାଥ ମାଝି, ଭକ୍ତରାମ ମାଝି, ଲାମ୍ବୁଧର ମାଝି, ଗଣପତି ନାୟକ, କେଶବ ପୂଜାରୀ, ଶୁକ୍ରୁ ନାୟକ ପ୍ରମୁଖଙ୍କ ସହ ଗ୍ରାମର ବହୁ ଯୁବକ ସହଯୋଗ କରିଥିଲେ।



ଦେବଦେବୀଙ୍କ ପ୍ରତୀକ ଲାଠି, କୁର୍ଚ୍ଚିଙ୍କୁ ପୂଜା କରାଯାଉଛି।

## ବିଭିନ୍ନ ସମସ୍ୟା ନେଇ ପୂର୍ବତନ ବିଧାୟକଙ୍କୁ ଜଣାଇଲେ ଦାବି



ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ ।

ମାଲକାନଗିରି, ୨୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ ସିନ୍ଦ୍ରିମାଲ ପଞ୍ଚାୟତ ମୁନୁସା ଗ୍ରାମର ମା ବାରିଆ ମାଉଳି ମନ୍ଦିର ପ୍ରାଙ୍ଗଣରେ ବାଡ୍ରୀ ଅଟାଳ, ବନ୍ଧଗୁଡା, ସୋରିସମାଳ ଓ ମୁନୁସା ଗ୍ରାମର ଲୋକେ ଏକାଠି ହୋଇ ବିଭିନ୍ନ ସମସ୍ୟା ନେଇ ଏକ ବୈଠକ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦେଇ ଜନ ସାଧାରଣଙ୍କର ସମସ୍ୟା, ରାସ୍ତାଘାଟ ଓ ପିଇବା ପାଣି ଆଦି ବିଷୟରେ ଆଲୋଚନା କରିଥିଲେ। ୪ ଗ୍ରାମବାସୀ ସ୍ୱତନ୍ତ୍ର ଭାବେ ମୁନୁସା ଗ୍ରାମର ମା ବାରିଆ ମାଉଳି ନୂତନ ମନ୍ଦିର ନିର୍ମାଣ ପାଇଁ ଦାବି ଜଣାଇଥିଲେ। ଏଥିରେ ମାନସ ମାଡକାମୀ ଉପସ୍ଥିତ ଜନ ସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ଯଥା ଶୀଘ୍ର ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ପଟ୍ଟନାୟକ, ସଦାନନ୍ଦ ଖରା, ସରପଞ୍ଚ ଘାସି ନାୟକ, ସମାଜିକକର୍ମୀ ଦଶରଥ ଗୋଲାରୀ, ମୁଁଗୁଡୁ ଦୁଦି, ଜଳେନ୍ଦ୍ର ବାଗ ଓ ମୁନୁସା ଗ୍ରାମର ମା ବାରିଆ ମାଉଳି କମିଟି ସଦସ୍ୟ ପ୍ରମୁଖଙ୍କ ସହ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଚୁକ୍ତିନାମାରେ ଟଳିଲା ୨ ଗୋଷ୍ଠୀ ବିବାଦ

କୁନ୍ଧୁରା, ୨୭।୨(ସନ୍ତୋଷ ପ୍ରହରାଜ)

**ସରକାରୀ, ଅନାବାଦୀ, ଗୋଚର ଜମି ଅକ୍ତିଆର କରିଛନ୍ତି ୨ ଭାଇ**

କୋରାପୁଟ ଜିଲା କୁନ୍ଧୁରା ବ୍ଲକ ଘୁମର ପଞ୍ଚାୟତର ଝଡ଼ିଗୁଡା ଗ୍ରାମବାସୀଙ୍କ ସହ କେ. ପକନାଗୁଡା ଗ୍ରାମର ୨ ଭାଇ ପୁରୁଷୋତ୍ତମ ଭେଜାଗୁଡ଼ିଆ ଓ ରତନ ଭେଜାଗୁଡ଼ିଆଙ୍କ ସରକାରୀ, ଅନାବାଦୀ, ଗୋଚର ଜମି ଅକ୍ତିଆରକୁ ନେଇ ବର୍ଷେ ହେବ ବିବାଦ ଲାଗିରହିଥିଲା। ସେହି ବିବାଦ ମଙ୍ଗଳବାର କୁନ୍ଧୁରା ତହସିଲଦାର ବିନୋଦ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଲିଖିତ ଚୁକ୍ତିନାମା ପରେ ଆସନ୍ତା ୧ ବର୍ଷ ପାଇଁ ବିବାଦକୁ ଟାଳିଦିଆଯାଇଛି।

ଖବରରୁ ଜଣାପଡିଛି, କେ. ପକନାଗୁଡ଼ା ଗ୍ରାମର ପୁରୁଷୋତ୍ତମ ଓ ରତନ ଗତ କିଛି ବର୍ଷ ହେବ କେ. ପକନାଗୁଡ଼ା ଓ ଝଡ଼ିଗୁଡା ଗ୍ରାମ ନିକଟରେ ଥିବା ସରକାରୀ, ଅନାବାଦୀ ,ଗୋଚର ଜମି ଜବରଦଖଲ କରି ନୀଳଗିରି ଚାଷ କରି ଏହାକୁ ବିକି ଲାଭ ଉଠାଉଛନ୍ତି। ସେମାନେ ମଧ୍ୟ ନିକଟରେ ପ୍ରବାହିତ ହେଉଥିବା ନଦୀକୁ ମଧ୍ୟ ନିଜ ଆୟତ୍ତକୁ ନେଇ ଝଡ଼ିଗୁଡ଼ା ଗ୍ରାମବାସୀଙ୍କୁ ଗୋଚର ଜମିରେ ଗୋରୁ ଚରାଇବାକୁ ଦେଉନାହାନ୍ତି। ନଦୀକୁ ଯିବାକୁ ରାସ୍ତା ଦେଉନାହାନ୍ତି। ଏନେଇ ଝଡ଼ିଗୁଡ଼ା ଗ୍ରାମବାସୀଙ୍କ ସହ ଏକାଧିକ ଥର ସେମାନଙ୍କ ଝଗଡା ହୋଇଛି। ଏନେଇ ଝଡ଼ିଗୁଡା ଗ୍ରାମବାସୀ ଏକାଠି ହୋଇ ବର୍ଷେ ହେଲା ଦିଗାପୁର ରାଜସ୍ୱ ନିରୀକ୍ଷକ ଓ କୁନ୍ଧୁରା ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ବାରମ୍ବାର ଜଣାଇଛନ୍ତି। ସରକାରୀ ଗୋଚର ଜମି ଜବରଦଖଲକାରୀଙ୍କଠାରୁ ପ୍ରଶାସନ ନିଜ ଅଧୀନକୁ ନେବା ଏବଂ ନଦୀକୁ ଦଖଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମବାସୀ ଜଣାଇଥିଲେ। ଗତ ୨୨ରେ କୁନ୍ଧୁରା ତହସିଲଦାର ଏହି ଅଭିଯୋଗକୁ ଭିତ୍ତିକରି ବୈପାରିଗୁଡା ଥାନାକୁ ଏକ ପତ୍ର ଦେବା ସହ ଉଭୟ ପକ୍ଷଙ୍କୁ ନୋଟିସ୍ ମାଧ୍ୟମରେ ୨୬ରେ ଏହି ଘଟଣାର ଶୁଣାଣି ଧାର୍ଯ୍ୟ କରିଥିଲେ। ନୋଟିସ ଅନୁସାରେ ତହସିଲଦାରଙ୍କ ନିକଟରେ ଘଟଣାରେ ସମ୍ପୃକ୍ତ ଉଭୟ ପକ୍ଷ ପହଞ୍ଚିଥିଲେ। ଦିଗାପୁର ରାଜସ୍ୱ ନିରୀକ୍ଷକ ଭବାନୀ ଶଙ୍କର ଭଦ୍ରା ମଧ୍ୟ ଉପସ୍ଥିତ ଥିଲେ। ୧ ଘଣ୍ଟା ଧରି ଉଭୟ ପକ୍ଷଙ୍କ ସହ ଆଲୋଚନା କରିବା ପରେ ତହସିଲଦାର ଶୁଣାଣି କରି କହିଥିଲେ , ସେହି ଜମି ବାବଦକୁ ଜବରଦଖଲକାରୀ ଚଳିତ ବର୍ଷର ଖଜଣା ଜମା କରିସାରିଥିବାରୁ ଆସନ୍ତା ୧ ବର୍ଷ ପାଇଁ ଏହି ସରକାରୀ ଜମି ଦଖଲକାରୀଙ୍କ ନିକଟରେ ରହିବ। ଆସନ୍ତା ବର୍ଷଠାରୁ ସେହି ଜମି କାହାରିକୁ ଦିଆଯିବନାହିଁ ବୋଲି କହି ଉଭୟ ପକ୍ଷଙ୍କୁ ବୁଝାଇଥିଲେ। ନଦୀକୁ କେହି ନିଜ ଆୟତ୍ତକୁ ନେଇପାରିବେ ନାହିଁ, ଏହା ସରକାରଙ୍କ ସମ୍ପତ୍ତି ସମସ୍ତେ ବ୍ୟବହାର କରିପାରିବେ ତ ବୋଲି ତହସିଲଦାର କହିଥିଲେ। ପରେ ଉଭୟ ପକ୍ଷଙ୍କୁ ନେଇ ଏକ ଲିଖିତ ଚୁକ୍ତିନାମା ହୋଇଥିଲା। ସେଥିରେ ଉଭୟ ପକ୍ଷ ଦସ୍ତଖତ କରି ନିଜ ସମ୍ମତି ଦେଇଥିଲେ। ତେବେ ଆମେ ପ୍ରତିବର୍ଷ ଅଭିଯୋଗ କରୁଥିବା ସତ୍ତ୍ୱେ କିପରି ସେହି ଜମି ବାବଦ ଚଳିତ ବର୍ଷର ଖଜଣା ଆଦାୟ କରାଗଲା ସେନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ଜିଲାରେ ଭୁଶୁଡ଼ିପଡ଼ିଛି ପ୍ରାକ୍ ସ୍କୁଲ ଶିକ୍ଷା

ନବରଙ୍ଗପୁର, ୨୭।୨(ସଦାଶିବ ପ୍ରହରାଜ)

- ୪୮୨ ଅଙ୍ଗନୱାଡି କେନ୍ଦ୍ରର ନାହିଁ ନିଜସ୍ୱ କୋଠା
- ୧୭୭ କେନ୍ଦ୍ର ଭଡାଘରେ ଚାଲିଛି

ଶିଶୁଙ୍କୁ ପ୍ରାକ୍ ଶିକ୍ଷା ଦେବା ପାଇଁ ପ୍ରତି ଗାଁ ରେ ଅଙ୍ଗନୱାଡିକେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଶିଶୁଙ୍କୁ ପ୍ରାକ୍ ଶିକ୍ଷା, ଖେଳକୁଦ ସହ ପୁଷ୍ଟିକର ରନ୍ଧାଖାଦ୍ୟ ପ୍ରଦାନର ବ୍ୟବସ୍ଥା ରହିଛି। ସରକାର ପ୍ରତି ଅଙ୍ଗନୱାଡିକେନ୍ଦ୍ରକୁ ପକ୍କା ଘର ସହ ପାନୀୟ ଜଳ, ଶୌଚାଳୟ ଓ ବିଦ୍ୟୁତ୍ ସେବା ପ୍ରଦାନର ବ୍ୟବସ୍ଥା କରାଯାଇଛି। ତେବେ ନବରଙ୍ଗପୁର ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଜିଲାଗୁଡିକରେ ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା କହିଲେ ନ ଚଳେ। ୪୮୨ ଗୋଟି କେନ୍ଦ୍ରର ନିଜସ୍ୱ କୋଠା ନଥିବା ବେଳେ ବହୁ ପୁରୁଣା କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ହଜାରରୁ ଊର୍ଦ୍ଧ୍ୱ କେନ୍ଦ୍ରରେ ପାନୀୟ ଜଳ, ବିଦ୍ୟୁତ୍ ଓ ଶୌଚାଳୟ ବ୍ୟବସ୍ଥା ନାହିଁ।

ନବରଙ୍ଗପୁର ଜିଲାରେ ୨୩୩୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୪୮୨ କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ସେଥିମଧ୍ୟରୁ ୧୭୭ କେନ୍ଦ୍ର ଭଡ଼ା ଘରେ ଚାଲିଛି । ୭୬ଟି ଅଙ୍ଗନୱାଡି କେନ୍ଦ୍ର ସ୍କୁଲ ପରିସରରେ ଚାଲିଛି। ଗାଁ ଗୋଷ୍ଠୀ ଗୃହରେ ୨୨୯ କେନ୍ଦ୍ର ରହିଛି। ତେବେ କେବଳ ଗ୍ରାମାଞ୍ଚଳରେ ନୁହେଁ ଜିଲାର ୨ ସହରାଞ୍ଚଳରେ ବି ଭଡା ଘରେ ଓ ଗୋଷ୍ଠୀ ଗୃହରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ୨ଟି ସହରରେ ୧୩ ଗୋଟି କେନ୍ଦ୍ର ଭଡ଼ା ଘରେ ଚାଲିଥିବାବେଳେ ସ୍କୁଲ ପରିସରରେ ୨ଟି ଓ ଗୋଷ୍ଠୀ ଗୃହରେ ୭ କେନ୍ଦ୍ର ଚାଲିଛି। ଅଙ୍ଗନୱାଡି କେନ୍ଦ୍ରରେ କୋଠା ସମସ୍ୟା ସହ ଅନ୍ୟ ଅସୁବିଧା ମଧ୍ୟ ରହିଛି।

ମିଳିଥିବା ତଥ୍ୟ ଅନୁଯାୟୀ ୧୦୮୮ କେନ୍ଦ୍ରରେ ଶୌଚାଳୟ, ୧୦୦୮ କେନ୍ଦ୍ରରେ ପାନୀୟ ଜଳର ସୁବିଧା ନାହିଁ । ୯୮୫ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ତେବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା କୋଠା ଓ କୋଠା ନ ଥିବା ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନୂତନ ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ ବ୍ୟବସ୍ଥା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ୧୦୦୯ ନୂତନ କୋଠା ପାଇଁ ବ୍ୟବସ୍ଥା କରାଯାଇଥିବାବେଳେ ୮୨୦ଟି କାମ ସରିଛି। ୧୬୫ କେନ୍ଦ୍ରର କାମ ଚାଲିଛି। ୨୯ କେନ୍ଦ୍ରର କୋଠା କାମ ଆଦୌ ଆରମ୍ଭ ହୋଇନାହିଁ। ୩୦ କୋଠା ଭୂମି ପୂଜାରେ ଅଟକି ରହିଛି। କୋଠା ଅଭାବରୁ ଅଙ୍ଗନୱାଡି କର୍ମୀଙ୍କ ଘରେ ପ୍ରାକ୍ ଶିକ୍ଷା ଦିଆଯାଉଛି। କିଛି କେନ୍ଦ୍ର ଘର ବାରଣ୍ଡାରେ ବି ଚାଲିଥିବା ଅଭିଯୋଗ ହେଉଛି। ସବୁ ବୈଠକରେ ତୁରନ୍ତ କୋଠା କାମ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିବାବେଳେ ତାହା ସରିପାରୁନାହିଁ। ଏ ନେଇ ଜିଲା ସମାଜ ମଙ୍ଗଳ ଅଧିକାରୀ ଶିବାନୀ ଗୁହାଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ନିର୍ମାଣାଧୀନ କୋଠା କାମ ସାରି ହସ୍ତାନ୍ତର କରିବାକୁ ଉଦ୍ୟମ ଚାଲିଛି। ନୂତନ କୋଠା ନିର୍ମାଣ ପାଇଁ ଆଇଟିଡିଏ ଓ ସରକାରଙ୍କୁ ତଥ୍ୟ ଦିଆଯାଇଛି। ଅଧା ତିଆରି ଅଙ୍ଗନୱାଡି କେନ୍ଦ୍ରଗୁଡିକ ସମ୍ପୂର୍ଣ୍ଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନବାଡି କେନ୍ଦ୍ରଗୁଡିକ ବ୍ଲକ ପକ୍ଷରୁ ନିର୍ମାଣ କରାଯାଉଛି। ସିଡିପିଓମାନେ ମଧ୍ୟ ବ୍ଲକସ୍ତରୀୟ ବୈଠକରେ ପ୍ରଶ୍ନ ଉଠାଉଛନ୍ତି। ଏବେ ପୁଣି ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀଙ୍କୁ ଚିଠି କରି ଜଣାଇବେ ବୋଲି ସେ କହିଛନ୍ତି।



ଝରିଗାଁ ବ୍ଲକ ଅଧୀନ ପାୱାରବେଲି ଗାଁରେ ଅଧା ତିଆରି ଅଙ୍ଗନୱାଡି କେନ୍ଦ୍ର ।

## ସଂକ୍ଷେପରେ

### ୪୨ କି.ଗ୍ରା. ଗଞ୍ଜେଇ ଜବତ, ଜଣେ ଗିରଫ



ମାଲକାନଗିରି,୨୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ପୋଲିସ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜଣଙ୍କୁ ଗିରଫ କରିବା ସହିତ ୪୨କେଜି ଗଞ୍ଜେଇ ଜବତ କରିଛି । ଥାନା ଅଧିକାରୀ ରିଗନ କିଣ୍ଡୋଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ଏସ୍.ଭୋଇଙ୍କ ନେତୃତ୍ୱରେ ଟିମ ଚାଲାଣଗୁଡା ପଞ୍ଚାୟତ ରେଙ୍ଗାବନ୍ଧ ନିକଟ ସୀମାନ୍ତ ରାସ୍ତାରେ ରାତ୍ରି ପେଟ୍ରୋଲିଂ କରୁଥିଲେ। ଜଣେ ବ୍ୟକ୍ତି ତିନୋଟି ଅଖାବସ୍ତା ଧରି ଛିଡା ହୋଇଥିଲେ। ପୁଲିସକୁ ଦେଖି ଦୌଡ଼ି ପଳାଇ ଯିବାକୁ ଚେଷ୍ଟାକରୁଥିବା ବେଳେ ତାଙ୍କୁ ଧରିଥିଲା। ଗିରଫ ଜଣକ ଝରାପାଲି ପଞ୍ଚାୟତ ବାଙ୍ଗୁଚିଗୁଡା ଗ୍ରାମର ଶତ୍ରୁଘନ ବେଞ୍ଜମୀ। ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ପାଇଁ ଗାଡିକୁ ଜଗିଥିଲେ। ପରେ ପୋଲିସ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

### ବିଧବାଙ୍କ ଘର ଜାଳିଦେଲେ ଦୁର୍ବୃତ୍ତ

କାଲିମେଳା, ୨୭।୨(ଜୀବନ କୃଷ୍ଣ ଦାସ )

କାଲିମେଳା ବ୍ଲକ କାଙ୍ଗୁରୁକୋଣ୍ଡା ପଞ୍ଚାୟତ ପାତାକୋଣ୍ଡା ଗ୍ରାମର ଏକାକୀ ରହୁଥିବା ଜୈନେକ ବିଧବାଙ୍କ ଘରକୁ କେହି ଦୁର୍ବୃତ୍ତ ନିଆଁଲଗାଇ ଦେବା ଯୋଗୁ ପୋଡି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ପାତାକୋଣ୍ଡା ଗ୍ରାମର ମୁକେ ସୋଡ଼ୀ ଏକାକୀ ରହୁଥିଲେ। ଗତ ସୋମବାର ରାତିରେ ମୁକେ ନିଜ ଘରେ ନ ରହି ପାଖ ପଡୋଶୀ ଘରେ ରାତିରେ ଶୋଇଥିଲେ । ତେବେ ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ମୁକେ ଅଭିଯୋଗ ଆଣିଛନ୍ତି । ଖବର ପାଇ କାଲିମେଳାରୁ ଅଗ୍ନିଶମ କର୍ମଚାରୀ ପହଁଚି ନିଆଁ ଲିଭାଇ ଥିଲେ। ନିଆଁ ଲାଗିବା ଯୋଗୁ ମୁକେଙ୍କ ସମସ୍ତ ଜିନିଷ, ଧାନ ବିକ୍ରି କରି ରଖିଥିବା ୨୫ ହଜାର ଟଙ୍କା କିଛି ଗହଣା ସମେତ ଆଧାର କାର୍ଡ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଅନ୍ୟାନ୍ୟ ସମାଗ୍ରୀ ପୋଡି ଯାଇଥିବା ଜଣାପଡିଛି । ମୁକେଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ କାଙ୍ଗୁରୁକୋଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଙ୍ଗାଧର ସୋଡ଼ୀ ନିବେଦନ କରିଛନ୍ତି ।

### ବାହାରକରମରି ଗ୍ରାମରେ ପୋଲିସ ଜନସମ୍ପର୍କ ଶିବିର

ଝରିଗାଁ ,୨୭।୨(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ବାହାରକରମରି ଗ୍ରାମରେ ପୋଲିସ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ନବରଙ୍ଗପୁର ଏସ୍‌ପି ରୋହିତ ବର୍ମା, ଉମରକୋଟ ଏସ୍‌ଡିପିଓ ମଧୁସିକ୍ତା ମିଶ୍ର, ଝରିଗାଁ ଥାନାଧିକାରୀ ତପନ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ସହ ହାତ ମିଳାଇ ବିକାଶମୂଳକ କାର୍ଯ୍ୟ କରିବା, ପୋଲିସକୁ ସହଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ମଶାର, ଶାଢ଼ି ଓ ପିଲାଙ୍କୁ ପାଠ୍ୟୋପକରଣ ବଣ୍ଟନ କରାଯାଇଛି।

# ୧୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ବିଜେଡିରେ ସାମିଲ

**ବିଜେଡିର ମିଶ୍ରଣ ପର୍ବ**

ମାଲକାନଗିରି, ୨୭।୨(ଦୁର୍ଯ୍ୟୋଧନ ପାତ୍ର)

ତୃଣମୂଳ ସ୍ତରରୁ ସୁଦୃଢ ହେଉଛି ବିଜୁ ଜନତା ଦଳ। ଯାହାକୁ ନେଇ ଅନ୍ୟ ଦଳୀୟ କର୍ମୀ ବର୍ତ୍ତମାନ ବିଜେଡି ମୁହାଁ। ଏହି କ୍ରମରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ କାଲିମେଳା ବ୍ଲକ ଭୁବନପାଲ୍ଲୀ ପଞ୍ଚାୟତର ଭାଜପା କର୍ମୀ ବିଭୁତି ମିସ୍ତ୍ରୀ, ଅରବିନ୍ଦ ବିଶ୍ୱାସ, କମଲେଶ ସରକାର, ମନୋରଞ୍ଜନ ସରକାର, ହରିପଦ ଗୋଲଦାର, ସପନ ସରଦାର, ବିଜୟ ଚୌକିଦାର, କିଶୋର ମଣ୍ଡଳ, ରଞ୍ଜିତ ଗାଇନ ଓ ମିଥୁନ ମଣ୍ଡଳ ପ୍ରମୁଖଙ୍କ ସହ



ବିଜେଡିରେ ସାମିଲ ହୋଇଥିବା ଭାଜପା କର୍ମୀ ।

୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡି ଜିଲା ବିଜେଡି ସଭାପତି ମାନସ ମାଡକାମିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ମିଶ୍ରଣ କାର୍ଯ୍ୟକ୍ରମରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ପତିତପାବନ ବୈଦ୍ୟ, ଅପର୍ଣ୍ଣା ମଣ୍ଡଳ, କାଲିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ଏମ୍‌ପି ପ୍ରତିନିଧି ଇ.ଭେଙ୍କେଟ ରାଓ ଏବଂ ବିଜେଡିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମ

କୋରୁକୋଣ୍ଡା/ଚିତ୍ରକୋଣ୍ଡା/କାଲିମେଳା, ୨୭।୨(ଅବିନାଶ ବେହେରା/ କ୍ଷିରୋଦ ବେହେରା/ ଜୀବନ କୃଷ୍ଣ ଦାସ)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିନା ସୁଧରେ ୧୦ ଲକ୍ଷ ଯାଏ ଋଣ, ୧୪୪ କୋଟିର ସୁଧ ଫେରସ୍ତ ସହିତ ପୋଷାକ ପାଇଁ ଆର୍ଥିକ ସହାୟତା ଓ ମିଶନ ଶକ୍ତି ବଜାର ଉଦ୍‌ଘାଟନ



କୋରୁକୋଣ୍ଡାରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାଙ୍କୁ ଚେକ୍ ପ୍ରଦାନ କରାଯାଉଛି ।

ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଭାସିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ ରହି ଏସ୍‌ଏଚଜି ମହିଳାଙ୍କୁ ସାମାଜିକ ପ୍ରତିଷ୍ଠା ସହିତ ଏହା ଭେଟି ଦେଇଛନ୍ତି। ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ନୀଳିମା ରାଣୀ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଶିବା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ମାଲକାନଗିରି ଜଲା ପରିଷଦ ଅଧ୍ୟକ୍ଷା ସାମାରି ଟାଙ୍ଗୁଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିମେଳା ଏନ୍‌ଏସି ଅଧ୍ୟକ୍ଷ ପ୍ରଦୀପ ନାୟକ, ପ୍ରୋଜେକ୍ଟ ମ୍ୟାନେଜର ରୁରାଲ ହାଉସିଂ ଶାଶ୍ୱତୀ ରାଉତ, କୋରୁକୋଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ସତ୍ୟ ପାଣିଗ୍ରାହୀ ଉପସ୍ଥିତ ରହି ମହିଳାମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ଏହା ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ଏନ୍‌ଏସି ଅଧୀନରେ ଥିବା ୪୩୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୪,୪୨,୮୩୦ଟଙ୍କା ପ୍ରଦାନ କରାଯାଇଥିଲା।

ଚିତ୍ରକୋଣ୍ଡା ବ୍ଲକରେ ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ରାଜେଶ୍ୱରୀ ଖିଲ,ବିଡ଼ିଓ ତନ୍ମୟ ପାତ୍ର, ସିଡିପିଓ ସ୍ୱର୍ଣ୍ଣପ୍ରଭା ଦାସ, ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର ଭୂୟାଁ, ବିପିଏମ୍ ପର୍ଶୁରାମ ବେହେରା, ବିଏଲସି ସୋମନାଥ କୁମ୍ଭାର ଓ ବିପିସି ଦୀପଞ୍ଜୟ ସ୍ୱାଇଁ ଉପସ୍ଥିତ ଥିଲେ। ଚିତ୍ରକୋଣ୍ଡା ବ୍ଲକର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଆର୍ଥିକ ସାକ୍ଷାରତା ମାଧ୍ୟମରେ ବ୍ୟାଙ୍କ ଋଣ, ସୁଧ ଚିହ୍ନାଟି ଓ ଫେରସ୍ତ ଉପରେ ଆଲୋଚନା କରାଯାଇଥିଲା । ଏଥି ସହିତ ଗୋଷ୍ଠୀର ମହିଳାମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଓ ମମତା ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା।

ସେହିପରି କାଲିମେଳା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁବାସିନୀ ସୋଡ଼ି, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ବିଡିଓ ପ୍ରଦୀପ କର, କାଲିମେଳା ସରପଞ୍ଚ ପୃଥ୍ୱୀରାଜ ମାଝି ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କେତେକ ଗ୍ରୁପକୁ ଋଣ ସୁଧ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ବ୍ଲକର ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ଗ୍ରୁପକୁ ଟଙ୍କା ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ବ୍ଲକ ମିଶନ ଶକ୍ତି ପକ୍ଷରୁ କୁହାଯାଇଛି ।

## କଂଗ୍ରେସର ପରିବର୍ତ୍ତନ ସମାବେଶ, ମିଶ୍ରଣ ପର୍ବ

ପଡିଆ, ୨୭।୨(ଭାସ୍କର ରାଓ)

ଜାତୀୟ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସମାବେଶ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଡିଆ ବ୍ଲକ ସଦର ମହକୁମାରେ ଜାତୀୟ କଂଗ୍ରେସର ଶତାଧିକ କର୍ମୀ ଏକତ୍ରିତ ହୋଇ ଏକ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ କରିଥିଲେ। ଏଥିରେ ଜିଲା ସଭାପତି ଗୋବିନ୍ଦ ପାତ୍ର, ନବରଙ୍ଗପୁର ଲୋକ ସଭା ଆଶାୟୀ ପ୍ରାର୍ଥୀ ଭୁଜବଳ ମାଝି, ମାଲା ମାଡି, ମାଲକାନଗିରି ନଗର କଂଗ୍ରସ ସଭାପତି ଜି. ଶ୍ରୀନିବାସ ରାଓ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପୁଷ୍ପା କବାସୀ, ଶିଶିର ଗମାଙ୍ଗୋ, ଜିଲା ଅନୁସୂଚିତ ଜାତି ଅଧ୍ୟକ୍ଷ ଇର୍ମା ପଡିଆମୀ, କାଲିମେଳା ଉପାଧ୍ୟକ୍ଷ ଲକ୍ଷ୍ମଣ ମାଡକାମୀ, ୟୁଥ ବ୍ଲକ କଂଗ୍ରେସର ନାଗା ରାଜୁ, ବ୍ଲକ ମହିଳା ସଭାନେତ୍ରୀ ମିନତୀ ଚିନ୍ନାମ ତଥା ପ୍ରମୋଦ ସେଠୀ, ବ୍ଲକ ସଭାପତି ଏନ୍.ରାଜ କୁମାର, ନାଗଲୁ ଦେବଯାଇ, ଗୁଞ୍ଜା ଜ୍ଞାନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବେଳେ ବିଭିନ୍ନ ପଞ୍ଚାୟତର ଭାଜପା ଏବଂ ବିଜେଡିର ଶତାଧିକ କର୍ମୀ ବିଭିନ୍ନ ଦଳ ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ଏମାନଙ୍କ ମଧ୍ୟରେ ପଡିଆ ପଞ୍ଚାୟତରୁ ମାଦ୍ରୀ ଜେଏସ୍ତ୍ୱ,ଚିନାମ ଅଜୟ, ଶେଖ ଇର୍ସାଦ, ବାପନ ପଲ୍ଲୀ ପଞ୍ଚାୟତ ସମିତି ସଭ୍ୟ ନନ୍ଦା ମାଡକାମୀ,ଗିରକାନପଲ୍ଲୀ ଶ୍ୟାମଲାଲ ଇସ୍ଲାବତ ଓ ବାଲେସୁ ବାତଲୁ, ନୀଳୀଗୁଡାରୁ ଆଇତା ସୋଡି ସୋମା କର୍ତ୍ତାମୀ, ଦେବା ପୁନେମ, ବେଟି ଜଗା, ମୁୟା ମାଡକାମୀ, ଆନ୍ଦା ମାଢ଼ି, ଶିମିଳି ବାଞ୍ଛାରୁ ରମେଶ ମାଡକାମୀ, ଦେବେନ୍ଦ୍ର ମାଡକାମୀ ପ୍ରମୁଖ ଶତାଧିକ କର୍ମୀ କଂଗ୍ରେସରେ ମିଶିଥିଲେ ।

## ନବରଙ୍ଗପୁର ଜିଲା କ୍ରିକେଟ ଏକାଡେମୀ ଉଦ୍‌ଘାଟିତ

ନବରଙ୍ଗପୁର,୨୭।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର କ୍ରିକେଟ ଏକାଡେମୀକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନବରଙ୍ଗପୁରଠାରେ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା କ୍ରୀଡ଼ା ସଂଘ ସଭାପତି ଡକ୍ଟର କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରିକେଟ ସଂଘ ସଭାପତି ଦେବାଶିଷ ପଟ୍ଟନାୟକ, ଉପସଭାପତି ଶୁଭେନ୍ଦୁ ନାଥ ବେହେରା, ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ସହସମ୍ପାଦକ ଏମ୍. ବାଲା କ୍ରୀଷ୍ଣାରାଓ, ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ, ଇଣ୍ଡୋର ସମ୍ପାଦକ କୃଷ୍ଣ ପ୍ରସାଦ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକ, ମହିଳା ସମ୍ପାଦିକା ଚନ୍ଦନା ମଲିକ,




କ୍ରିକେଟ ଏକାଡେମୀ ଉଦ୍‌ଘାଟନ ଅବସରରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି।

ଜିଲା କ୍ରୀଡ଼ା ଅଧିକାରୀ ସୁଧାଂଶୁ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଷ୍ଟାଡିୟମ ପରିସରରେ ଥିବା ଦୁଇଟି ଅଭ୍ୟାସ ଟର୍ଫ ୱିକେଟ, ଏଷ୍ଟ୍ରୋଟର୍ଫ ୱିକେଟ ଏବଂ ସିମେଣ୍ଟ ୱିକେଟକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଭିନ୍ନ ବୟସ ବର୍ଗର ସଂଖ୍ୟାଧିକ କ୍ରିକେଟ ଖେଳାଳି ଯୋଗଦେଇଥିଲେ। ପୂର୍ବତନ ଖେଳାଳି ନଗେନ୍ଦ୍ର ପଟ୍ଟନାୟକ, ରମେଶ ସାମନ୍ତରାୟ, ଗୋପାଳକୃଷ୍ଣ ନାୟକ, ଲାଲ ମହମ୍ମଦ ଖାନ, ରାଜ କିଶୋର ପଟ୍ଟନାୟକ, ବାବୁଜୀ ପଟ୍ଟନାୟକ, ସୁନୀଲ ମିଶ୍ର, ମନୋଜ ସାଧୁ ଉପସ୍ଥିତ ଥିଲେ। ସଂଘ ସଭ୍ୟ ଶଶାଙ୍କ ଶେଖର ବେହେରା, ସୁବ୍ରତ ଗଣ୍ଡ, ଲମ୍ବୁ ସୌରା, ଦୁର୍ଯ୍ୟ ହରିଜନ, ଦିନେଶ ଶ୍ରୀବାସ୍ତବ, ଦିଲୀପ ବିଷୋୟୀ, ଅମିତ୍ ଦାସ, ରାଇଲା ଭତରା, ଇପ୍‌ସିତା ଶୌରା ଏବଂ ଅନିତା ହିଆଲ ପ୍ରମୁଖ ସହଯୋଗ କରିଥିଲେ।

## ବାଇକ୍ ଚୋରି ଘଟଣାରେ ୨ ଗିରଫ

ନବରଙ୍ଗପୁର,୨୭।୨(ସଦାଶିବ ପ୍ରହରାଜ)

୨ଟି ବାଇକ୍ ଚୋରି ଘଟଣାରେ ନବରଙ୍ଗପୁର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମେଞ୍ଚାର ଗ୍ରାମର ହରି ହରିଜନ (୨୭) ଓ ଟେକରାମ ଭତରା। ଏ ସମ୍ପର୍କରେ ନବରଙ୍ଗପୁର ଥାନାଧିକାରୀ ସମ୍ପିତ ବେହେରା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ୧୪ ତାରିଖରେ ନବରଙ୍ଗପୁର ଗାନ୍ଧୀନଗର ନିବାସୀ କ୍ଷେତ୍ରବାସୀ ପରିଡ଼ା ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତବେଳେ ଅଭିଯୁକ୍ତଙ୍କଠାରୁ (ଓଡି-୨୪ଇ-୦୧୭୦) ଏବଂ (ଓଆର୍-୨୪-୩୦୪୬ )କୁ ଜବତ କରିଥିଲା। ଏଏସ୍‌ଆଇ ତୁଳସୀରାମ ପୂଜାରୀ ଘଟଣାର ତଦନ୍ତ କରୁଥିଲେ।

## ୪ ଶ୍ରମିକଙ୍କ ମୃତ୍ୟୁ ସନ୍ଦେହ, ୨ ମୃତଦେହ ଜବତ

**ଛତିଶଗଡ଼ରେ ଖଣି ଖନନ ବେଳେ ଦୁର୍ଘଟଣା**

ମାଲକାନଗିରି,୨୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାର ବଇଲାଡିଲାଠାରେ ଥିବା ଏନ୍‌ଡିସି ଲୁହାପଥର ଖଣିରେ ଖନନ ସମୟରେ ପଥର ଅତଡ଼ା ଖସି ୪ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । କିନ୍ତୁ ଖବର ଲେଖାହେବା ସୁଦ୍ଧା ୨ଜଣଙ୍କ ମୃତଦେହ ଜବତ କରାଯାଉଛି । ଅନେକ ଶ୍ରମିକ ପଥର ତଳେ ପୋତିହୋଇ ରହିଥିବା ସନ୍ଦେହ କରାଯାଉଛି। ପଥର ଭୂସ୍ଖଳନ ଯୋଗୁ ଏକ ପୋକ୍‌ଲେନ ମେଶିନ ମଧ୍ୟ ଏହି ଅତଡ଼ା ମଧ୍ୟରେ ଦବିରହିଛି। ଏହି ଖନନ କାର୍ଯ୍ୟ ଏଲ୍ ଆଣ୍ଡ ଟି କମ୍ପାନୀ ଦ୍ୱାରା କରାଯାଉଥିଲା। ବରିଷ୍ଠ ଅଧିକାରୀ ଏବଂ ଏସ୍‌ଡିଆର୍‌ଏଫ୍ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

## ୩ ଆଇଇଡି ବୋମା ଜବତ



ମାଲକାନଗିରି, ୨୭।୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ସର୍ଚ୍ଚ ଅପରେଶନ ବେଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଗୋଟିଏ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଯବାନ ଆହତ ହେବା ସହ ୩ ବୋମା ଜବତ ପରେ ନିଷ୍କ୍ରିୟ କରାଯାଇଛି। ସୀମାନ୍ତ ଡୁମୁରିପାଲନାର ଜଙ୍ଗଲରେ ସିଏଏଫ୍ ଓ ସ୍ଥାନୀୟ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଗୋଟିଏ ଆଇଇଡି ବୋମା ବିସ୍ଫୋରଣ ଘଟି ସିଏଏଫ୍‌ର ଯବାନ ପୁନୀତ ନେତାମ ଆହତ ହୋଇଥିଲେ। ତାଙ୍କୁ ସାଥୀ ଯବାନମାନେ ଚିକିତ୍ସା ପାଇଁ ପଠାଇ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ବୋମାଗୁଡିକର ଓଜନ ପ୍ରାୟ ୫କିଲୋ ଲେଖାଏ ରହିଛି ।

## ୧ ହଜାର ଟଙ୍କା, ବ୍ୟାଗ୍ ବଣ୍ଟନ



ହିତାଧିକାରୀଙ୍କୁ ମିଳିଥିବା ବ୍ୟାଗ ।

ମାଲକାନଗିରି,୨୭।୨(ଦୁର୍ଯ୍ୟୋଧନ ପାତ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୧୦୦୦ ଟଙ୍କା ଓ ୨ଟି ଲେଖାଏ ଝୋଟ ତିଆରି ବ୍ୟାଗ ପ୍ରଦାନ କରାଯାଉଛି। ମଙ୍ଗଳବାର ମାଲକାନଗିରି ସଦର ବ୍ଲକର ସିନ୍ଧ୍ରିମାଳ ପଞ୍ଚାୟତରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ଘାସି ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସିନ୍ଧ୍ରିମାଳ ପଞ୍ଚାୟତର ୨୧ ୱାର୍ଡର ୨୧୧୭ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଓ ୨ ଟି ଲେଖାଏ ଝୋଟ ତିଆରି ବ୍ୟାଗ ବଣ୍ଟନ କରିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ସମିତି ସଭ୍ୟା ସୁକି କୁରାମି, ଯୋଗାଣ ସହାୟକ ରମେନା ଦନ୍ତାକଲା ପ୍ରମୁଖ ଉପସ୍ଥିତ ଥିଲେ ।

## ଜବରଦଖଲ ଉଚ୍ଛେଦକଲା ପ୍ରଶାସନ

କୋଡ଼ିଙ୍ଗା,୨୭।୨ (ସମରେନ୍ଦ୍ର ପଟ୍ଟନାୟକ)



ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସଦର ଟିର୍ମା ପଞ୍ଚାୟତର ଗୋବର୍ଦ୍ଧନ ଯାତ୍ରା ପଡିଆରୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କ ଗୃହ ଓ ଦୋକାନ ଉଚ୍ଛେଦ କରାଯାଇଛି। କୋଡିଙ୍ଗା ତହସିଲଦାର ସୁବ୍ରତ ବେହେରା, ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲ୍ଲୁ, ପାପଡାହାଣ୍ଡି ଏସ୍‌ଡିପିଓ ମିନାକ୍ଷୀ ଠାକୁର, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, ରାଜ୍ୟସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ହଟାଯାଇଛି। ନବରଙ୍ଗପୁର ଓ କୋଡିଙ୍ଗା ପୋଲିସ ଉପସ୍ଥିତ ଥିଲେ। ସୂଚନାନୁଯାୟୀ, ଖାତା ନଂ ୫୪୫ ପ୍ଲଟ ନଂ ୨୦୦କୁ ଗ୍ରାମର ନରହରି ବିଶୋଇ, ଖାତା ନଂ ୫୪୬ପ୍ଲଟ ନଂ ୯୧୪କୁ ଗୁଣନିଧି ବିଷୋୟୀ ଓ ରିଷବ ବିଷୋୟୀ ଜବରଦଖଲ କରି ରଖିଥିଲେ। ଟିର୍ମା ଗ୍ରାମବାସୀ ଜବରଦଖଲ ଉଚ୍ଛେଦ ନେଇ ଦାବି କରିଥିଲେ। ଏହାପରେ ପ୍ରଶାସନ ଜବରଦଖଲ ଉଚ୍ଛେଦ କରିବାକୁ ଜଣାଇଥିଲା। ଗୋଟିଏ ଘରକୁ ଉଚ୍ଛେଦ କରାଯିବା ସହ ୨ଟି ଘରକୁ ଆଉ କିଛି ଦିନର ମହଲତ ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଲୋକଙ୍କୁ ବୁଝାସୁଝା କରିବା ସହ ଉଚ୍ଛେଦ ପ୍ରକ୍ରିୟା ଶେଷ ହୋଇଛି।

## ବ୍ୟାଙ୍କରୁ ଚୋରି ଉଦ୍ୟମ



ବ୍ୟାଙ୍କ ଭିତରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ନନ୍ଦାହାଣ୍ଡି,୨୭।୨(ପ୍ରତୀପ କୁମାର ଦାଶ)

**ପ୍ରମାଣ ନଷ୍ଟ କରିବାକୁ ହାର୍ଡ ଡିସ୍କ ନେଇଗଲେ ଦୁର୍ବୃତ୍ତ**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ସୋମବାର ବିଳମ୍ବିତ ରାତ୍ରିରେ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଏ ନେଇ ବ୍ୟାଙ୍କ ମ୍ୟାନେଜର ବିଶ୍ୱନାଥ ଦଣ୍ଡସେନା ସକାଳୁ ଜାଣିବା ପରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଏତଲା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ବ୍ୟାଙ୍କ ପଛପଟେ ଥିବା କବାଟ ଭାଙ୍ଗି ଚୋରି ଉଦ୍ୟମ କରିଥିଲେ। ଏହି ସମୟରେ ବ୍ୟାଙ୍କରେ ଲାଗିଥିବା ଏମରଜେନ୍ସି ସାଇରନ ବାଜିବା ଯୋଗୁ ସେମାନେ ସେଠାରୁ ପଳାଇ ଥିଲେ। ମ୍ୟାନେଜର ମଙ୍ଗଳବାର ସକାଳୁ ବ୍ୟାଙ୍କ ଖୋଲିବା ସମୟରେ ଚୋରି ଉଦ୍ୟମ ସମ୍ପର୍କରେ ଜାଣିବାକୁ ପାଇ ନବରଙ୍ଗପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ଏକ ଭୁଜାଲି ବ୍ୟାଙ୍କ ପଛରୁ ସାଇଣ୍ଟିଫିକ୍ ଟିମ୍ ଜବତ କରିଛି। ବ୍ୟାଙ୍କରେ କୌଣସି ଟଙ୍କା ବା ଆସବାବପତ୍ର ଚୋରି ହୋଇ ନାହିଁ। ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିବା ଦେଖି ପ୍ରମାଣ ନଷ୍ଟ କରିବାକୁ କମ୍ପ୍ୟୁଟର ହାର୍ଡଡିସ୍କ ଦୁର୍ବୃତ୍ତମାନେ ନେଇ ଯାଇଥିବା ବ୍ୟାଙ୍କ ମ୍ୟାନେଜର ସୂଚନା ଦେଇଛନ୍ତି।

# ଏସ୍‌ଏଚ୍‌ଜିଙ୍କୁ ଫେରସ୍ତ ଦିଆଗଲା ଋଣର ସୁଧ

ଝରିଗାଁ/ ପାପଡ଼ାହାଣ୍ଡି/ଡାବୁଗାଁ/ ନନ୍ଦାହାଣ୍ଡି/ ତନ୍ତୁଲିଖୁଣ୍ଟି,୨୭।୨(କିଶୋର ଚନ୍ଦ୍ର ମଣ୍ଡଳ/ ସ୍ୱପ୍ନଜିତ ପଟ୍ଟନାୟକ/ପ୍ରଜ୍ଞାରଞ୍ଜନ ପରିଡ଼ା/ ପ୍ରତିପ ଦାଶ/ଚିଦାନନ୍ଦ ସାହୁ)

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କରୁ ଋଣ ନେଇ ଠିକ୍ ସମୟରେ ପରିଶୋଧ କରିସାରିଛନ୍ତି, ସେମାନଙ୍କୁ ସୁଧଟଙ୍କା ଫେରସ୍ତ କରାଯାଇଛି।

ଝରିଗାଁ ବିଡିଓ ପ୍ରିତା କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ତ୍ରିମିଳା ପୂଜାରୀ ଅତିଥିଭାବେ ଉପସ୍ଥିତ ଥିଲେ। ବ୍ଲକର ୪୮୭ ଏସ୍‌ଏଚ୍‌ଜିକୁ ୧୭, ୮୪, ୮୪୧ଟଙ୍କା ସୁଧ ଫେରସ୍ତ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ମିଶନ ଶକ୍ତି ବିପିଏମ୍ ରମେଶ ତାଡିଙ୍ଗି, ବିପିଏ ଦେବୀଦତ୍ତ ବ୍ରହ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପାପଡ଼ାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ୩୬୨ ଏସ୍‌ଏଚ୍‌ଜିଙ୍କୁ ସୁଧ ଟଙ୍କା ଫେରସ୍ତ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଏଇଇ ଦିବ୍ୟରଞ୍ଜନ ମେହେର, ସିଡିପିଓ ଏସ୍. ଗୀତା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମିଶନଶକ୍ତି ସଂଯୋଜକ ପରିଚାଳନା କରିଥିଲେ।

ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ୨୯୦ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ କରାଯାଇଛି। ଡାବୁଗାଁ ହାଟପଦା ଗ୍ରାମର ସାଇରାମ ସ୍ୱୟଂ ସହାୟକ ଗୋଷ୍ଠୀ ୩୮, ୮୨୩ ଟଙ୍କା ସୁଧ ଫେରସ୍ତ ପାଇ ଜିଲାରେ ପ୍ରଥମ ସ୍ଥାନରେ ରହିଛନ୍ତି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଏସ୍‌ବିଆଇ ଡାବୁଗାଁ ଶାଖା ପରିଚାଳକ ନୀତିଶ ସ୍ୱାଇଁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୀବ ସେଠୀ, ସିଡିପିଓ ମିନତୀ ଦାଶ, ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏ.ଡି. ପ୍ରସାଦ, ମେଦନା ସରପଞ୍ଚ ସୁମିତ୍ରା ମାଝି, ଅଞ୍ଚଳା ସରପଞ୍ଚ ରମେଶ ମାଝି, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନଶକ୍ତି ସଂଯୋଜକ ନବୀନ ଭତ୍ରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ନନ୍ଦାହାଣ୍ଡିରେ ଅୟୋଜିତ କାର୍ଯ୍ୟକ୍ରମରେ ୧୦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୁଧ ଟଙ୍କା ଫେରସ୍ତ କରାଯାଇଛି। ସମାଜିକ କର୍ମୀ ତଥା ବରିଷ୍ଠ ନେତ୍ରୀ କୌଶଲ୍ୟା ପ୍ରଧାନୀ, ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ବିଡିଓ କ୍ଷୀରୋଧ ଚନ୍ଦ୍ର ସାହୁ , ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଧା ଭତ୍ରା, ଡଙ୍ଗରଭେଜା ସମିତି ସଭ୍ୟ ଅଭିମନ୍ୟୁ ନାୟକ ଓ ମେଣ୍ଟରୀ ସମିତି ସଭ୍ୟା ବସନ୍ତ ମଞ୍ଜରୀ ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସସ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ତେନ୍ତୁଲିଖୁଣ୍ଟିରେ ଉପଜିଲାପାଳ ପ୍ରକାଶ ମିଶ୍ର, ବିଡିଓ ମନୋଜ ପାଣିଗ୍ରାହୀ, ମହିଳା ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନତା ଜେଠୀ, ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ଏସ୍‌ବିଆଇ ଅଞ୍ଚଳଗୁମ୍ମା ଶାଖା ପରିଚାଳକ ଦୀପକ ପାଣିଗ୍ରାହୀ, କଣ୍ଟାଗାଁ ମ୍ୟାନେଜର ସୁଧୀର ସିଂ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋମପାତ କରିଥିଲେ। ବ୍ଲକ ମିଶନଶକ୍ତି ମହାସଂଘ ସଭାପତି ରେବତୀ ମାଝି, ସମ୍ପାଦିକା ସଂଘମିତ୍ରା ବିଷୋୟୀ ଓ ବ୍ଲକ ଓଡ଼ିଶା ଜୀବିକା ମିଶନ, ଜୀବିକା ସଂଯାଜକ ସନାତନ ଖଟୁଆ ପରିଚାଳନାରେ ସହଯୋଗ କରିଥିବାଲେ। ବ୍ଲକ ମିଶନଶକ୍ତି ପ୍ରୋଗ୍ରାମ ଆସିଷ୍ଟାଣ୍ଟ ପୂର୍ଣ୍ଣଚନ୍ଦ୍ର ଗୌଡ ଧନ୍ୟବାଦ ଦେଇଥିଲେ।



ଝରିଗାଁରେ ବିଧାୟକ ଏସ୍‌ଏଚ୍‌ଜି ମହିଳାଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।



ପାପଡ଼ାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

